ରବିବାର

ସକାଳ
THE SAKALA

# ସିନ୍ଦୁରା

୨୨-୨୮ ମାର୍ଚ୍ଚ , ୨୦୨୬

- ଚିଲିକା ପାଣିରେ ଦୋଳ ମେଳଣ
- ସାଂସ୍କୃତିକ ପ୍ରେକ୍ଷାପଟ
- ଚିଲିକାରେ ଶ୍ରୀଜଗନ୍ନାଥ ମାଲୁଦ ମେଳଣ
- ଭାଇଚାରାର ପ୍ରତୀକ
- ସ୍ମୃତିରେ ମାଲୁଦ ପଞ୍ଚୁଦୋଳ



# ଜଳରେ ଦୋଳ

ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ବେଶ୍ ସମୃଦ୍ଧଶାଳୀ । ରାଜ୍ୟରେ ପାଳିତ ହେଉଥିବା ପର୍ବପର୍ବାଣି ମଧ୍ୟରେ ଦୋଳପର୍ବ ବା ଦୋଳଯାତ୍ରା ଅନ୍ୟତମ । ଦୋଳଯାତ୍ରା ପାଳନର ପରମ୍ପରା ବହୁ ପ୍ରାଚୀନ । ଶହ ଶହ ବର୍ଷ ଧରି ଦୋଳଯାତ୍ରା ପାଳିତ ହୋଇଆସୁଛି । ସାଧାରଣତଃ ପାଞ୍ଚ ଦିନ ପର୍ଯ୍ୟନ୍ତ ମହାସମାରୋହରେ ପାଳିତ ହୋଇଥାଏ ଏହି ଯାତ୍ରା । ଓଡ଼ିଶାରେ ଫଗୁ ଦଶମୀରୁ ଆରମ୍ଭ ହୋଇଥାଏ ଦୋଳଯାତ୍ରା । କେତେକ ଅଞ୍ଚଳରେ ଫାଲ୍‌ଗୁନ ପୂର୍ଣ୍ଣିମା ଦିନ ଆରମ୍ଭ ହୋଇ ପାଞ୍ଚଦିନ ପର୍ଯ୍ୟନ୍ତ ଚାଲିଥାଏ ଦୋଳ ଉତ୍ସବ । ତେଣୁ ଏହାକୁ ପଞ୍ଚୁଦୋଳ ନାମରେ ନାମିତ କରାଯାଇଛି । ସେହିପରି କେତେକ ଅଞ୍ଚଳରେ ଛଅଦିନ, ନଅଦିନ, ଦଶଦିନ ପର୍ଯ୍ୟନ୍ତ ଦୋଳ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଦୋଳଯାତ୍ରାର ଅନ୍ୟତମ ଆକର୍ଷଣ ହେଉଛି ଦୋଳ ମେଳଣ । ବିଭିନ୍ନ ଗାଁର ଠାକୁରମାନେ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଆସି ମେଳଣ ପଡ଼ିଆରେ ଏକତ୍ର ହୋଇଥାଆନ୍ତି । ମେଳଣ ପଡ଼ିଆରେ ଠାକୁରମାନଙ୍କ ପୂଜାର୍ଚ୍ଚନା, ଭୋଗ ଲାଗି ହୋଇଥାଏ । ଯାତ୍ରା ସମାପନ ପରେ ଠାକୁରମାନଙ୍କୁ ବିଦାକି ଦିଆଯାଇଥାଏ । ଓଡ଼ିଶାର ପ୍ରସିଦ୍ଧ ଦୋଳ ମେଳଣ ମଧ୍ୟରେ ଧର୍ମଶାଳାର ମୁନ୍‌ସୀ ମେଳଣ, ଓଲକଣା ମେଳଣ, ହରିରାଜପୁର ମେଳଣ, କଣାସ ମେଳଣ ଆଦି ଅନ୍ୟତମ । ତେବେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ମାଲୁଦରେ ଅନୁଷ୍ଠିତ ହୋଇଥାଏ ନିଆରା ପଞ୍ଚୁଦୋଳ ମେଳଣ । ଚିଲିକାର ନୀଳ ରାଶି ଭିତରେ ଠାକୁରମାନଙ୍କ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ଭକ୍ତମାନଙ୍କୁ ମନ୍ତ୍ରମୁଗ୍ଧ କରିଦିଏ । ୨୪ ମୌଜାର ୨୩ ଠାକୁର ଏହି ମେଳଣରେ ଏକତ୍ରିତ ହୋଇଥାନ୍ତି । ନାଚଗୀତର ଆସର ପରିବେଶକୁ ମୁଖରିତ କରିଥାଏ । ମାଲୁଦ ପଞ୍ଚୁଦୋଳ ମେଳର ଇତିହାସ, ପରମ୍ପରା, ଭାଇଚାରା, ସାଂସ୍କୃତିକ ବିଭବକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ଜଳରେ ଦୋଳ**

ପ୍ରସ୍ତୁତି : 'ସକାଳ ବ୍ୟୁରୋ'



## କେମିତି କଟିବ ସପ୍ତାହ

**ମେଷ**
ରବିବାରରେ ସମସ୍ୟା ବୃଦ୍ଧି ପାଇପାରେ, ବିବାଦରୁ ଦୂରେଇ ରୁହନ୍ତୁ । ସୋମ, ମଙ୍ଗଳ, ବୁଧବାରରେ ସମାଜରେ କୀର୍ତ୍ତି ସ୍ଥାପନ କରିବେ । ନିଜର ଏକ ଅଲଗା ପରିଚୟ ସୃଷ୍ଟି କରିବା ପାଇଁ ସକ୍ଷମ ହେବେ । ଗୁରୁ, ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ଅଧିକାରୀମାନଙ୍କ ସହଯୋଗ ପ୍ରାପ୍ତ ହେବ ।

**ବୃଷ**
ରବିବାରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ଉତ୍ତମ ରହିବ । ସୋମ, ମଙ୍ଗଳ, ବୁଧବାରରେ ଜୀବନରେ ଅକସ୍ମାତ୍ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିପାରେ । ବ୍ୟବସାୟୀମାନେ ଲାଭବାନ ହେବେ । ଗୁରୁ, ଶୁକ୍ର, ଶନିବାରେ କୌଣସି ପୁରୁଣା ବନ୍ଧୁଙ୍କଠାରୁ ସାହାଯ୍ୟ ପାଇବେ ।

**ମିଥୁନ**
ରବିବାରରେ ସମାଜରେ ମାନସମ୍ମାନ ବୃଦ୍ଧି ପାଇବ । ସୋମ, ମଙ୍ଗଳ, ବୁଧବାରରେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ଲୋଡ଼ିବେ । ଗୁରୁ, ଶୁକ୍ର, ଶନିବାରରେ ବାଦବିବାଦରେ ପଡ଼ିଯାଇପାରନ୍ତି । ନିଜ ବୁଦ୍ଧି ଓ ବିବେକ ଅନୁସାରେ କାର୍ଯ୍ୟ କରି ସଫଳତା ପାଇବେ ।

**କର୍କଟ**
ରବିବାରରେ କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହଯୋଗ ପାଇବେ । ସୋମ, ମଙ୍ଗଳ, ବୁଧବାରରେ ସାମାଜିକ କାର୍ଯ୍ୟରେ ଭାଗନେବେ । ଜୀବନରେ ନୂତନ ଯୋଜନାକୁ ପୂରା କରିବା ପାଇଁ ଚେଷ୍ଟା କରିବେ । ଗୁରୁ, ଶୁକ୍ର, ଶନିବାରରେ ଜୀବନସାଥୀଙ୍କ ସହ ସମ୍ପର୍କ ଭଲ ରହିବ ।

**ସିଂହ**
ରବିବାରରେ ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ପରେ ମନ ପ୍ରସନ୍ନ ରହିବ । ସୋମ, ମଙ୍ଗଳ, ବୁଧବାରରେ କାର୍ଯ୍ୟ ଶେଷ କରିବା ପାଇଁ ନୂଆ ଯୋଜନା ଚିନ୍ତା କରିବେ । ଜୀବନସାଥୀଙ୍କ ପାଇଁ କିଛି ଖାସ୍ କରିବାକୁ ପ୍ରୟାସ କରିବେ । ଗୁରୁ, ଶୁକ୍ର, ଶନିବାରରେ ନିବେଶ କରିବା ପାଇଁ ସମୟ ଭଲ ରହିବ ।

**କନ୍ୟା**
ରବିବାରରେ କ୍ରୋଧାନ୍ୱିତ ହେବା ଫଳରେ କାମ ବିଗିଡ଼ି ଯାଇପାରେ । ଜୀବନସାଥୀଙ୍କ ସହ ତାଳମେଳ ଠିକ୍ ରହିବ । ସୋମ, ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ରରେ କୌଣସି ବଡ଼ କାମ ପୂରା କରିବା ପାଇଁ ଅବସର ମିଳିପାରେ । ଗୁରୁ, ଶୁକ୍ର, ଶନିବାରରେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଅଧିକ ସମୟ ଲାଗିବ ।

**ତୁଳା**
ରବିବାରରେ ମାନସିକ ଶାନ୍ତି ଫେରିପାଇବେ । ପରିବାରର ସହଯୋଗ ଓ ସୁଖ ମିଳିବ । ସୋମ, ମଙ୍ଗଳ, ବୁଧବାରରେ ଶିକ୍ଷା କ୍ଷେତ୍ରରେ ଉନ୍ନତି ହେବ । ସକାରାତ୍ମକ ଚିନ୍ତା ରଖି କାର୍ଯ୍ୟ କରିବେ । ଗୁରୁ, ଶୁକ୍ର, ଶନିବାରରେ ବିଗିଡ଼ି ଯାଇଥିବା କାମ ପୂରଣ ହେବ । କାର୍ଯ୍ୟ ସ୍ଥଳରେ ପଦୋନ୍ନତି ହେବାର ସମ୍ଭାବନା ରହିଛି ।

**ବିଛା**
ରବିବାରରେ କିଛି ସମସ୍ୟାରେ ଜଡ଼ିତ ରହିବେ । ସୋମ, ମଙ୍ଗଳ, ବୁଧବାରରେ ପରିବାର ସଦସ୍ୟଙ୍କ ସହ ଆନନ୍ଦଦାୟକ ସମୟ କଟିବ । ଗୁରୁ, ଶୁକ୍ର, ଶନିବାରରେ ଅଟକି ରହିଥିବା କାମ ପୂରଣ ହେବ । ସନ୍ତାନଙ୍କଠାରୁ ଶୁଭ ଖବର ପ୍ରାପ୍ତ ହେବ । ଉଚ୍ଚସ୍ତରରେ ନିଯୁକ୍ତି ପାଇବାର ସୁଯୋଗ ରହିଛି ।

**ଧନୁ**
ରବିବାରରେ ପରିଜନଙ୍କ ସ୍ନେହ ଓ ସହଯୋଗ ପ୍ରାପ୍ତ ହେବ । ସୋମ, ମଙ୍ଗଳ, ବୁଧବାରରେ ଆର୍ଥିକ ମାମଲାରେ ସାବଧାନ ରୁହନ୍ତୁ । ଗୁରୁ, ଶୁକ୍ର, ଶନିବାରରେ ଜୀବନସାଥୀଙ୍କ ସହ ତାଳମେଳ ଠିକ୍ ରଖିବା ପାଇଁ ପ୍ରୟାସ କରନ୍ତୁ । ସହକର୍ମୀ ଓ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ ।

**ମକର**
ରବିବାରରେ କାର୍ଯ୍ୟକ୍ଷେତ୍ରରେ ଉନ୍ନତି ହେବା ସହ ବ୍ୟବସାୟରେ ସମସ୍ତ କାମ ପୂରଣ ହେବ । ସୋମ, ମଙ୍ଗଳ, ବୁଧବାରରେ ପରିବାରରେ ଗୁରୁଜନ ତଥା ସନ୍ତାନମାନଙ୍କ ପାଇଁ ଚିନ୍ତିତ ରହିବେ । କର୍ମକ୍ଷେତ୍ରରେ ସଫଳତା ନପାଇ ନିରାଶ ରହିବେ । ଗୁରୁ, ଶୁକ୍ର, ଶନିବାରରେ ଜୀବନରେ କିଛି ଖାସ୍ ପରିବର୍ତ୍ତନ ହୋଇପାରେ ।

**କୁମ୍ଭ**
ରବିବାରରେ ବିଭିନ୍ନ ପ୍ରକାର କାର୍ଯ୍ୟରେ ସହ ଜଡ଼ିତ ରହିବେ । ସୋମ, ମଙ୍ଗଳ, ବୁଧବାରରେ ଆଶା ଅନୁସାରେ ଫଳ ପାଇବେ । ମହିଳାଙ୍କ ପାଇଁ ସମୟ ମିଶ୍ରିତ ରହିବ । ଅନ୍ୟ କଥାରେ କାର୍ଯ୍ୟ କରି କଷ୍ଟ ପାଇବେ । ଗୁରୁ, ଶୁକ୍ର, ଶନିବାରରେ ସନ୍ତାନମାନଙ୍କ ପାଇଁ ଚିନ୍ତିତ ରହିବେ । ଉଧାର ଦେଇଥିବା ଅର୍ଥ ଫେରି ପାଇବେ ।

**ମୀନ**
ରବିବାରରେ ଅର୍ଥ ସମ୍ବନ୍ଧୀୟ ମାମଲାରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ସୋମ, ମଙ୍ଗଳ, ବୁଧବାରରେ ଚାକିରି ଓ ବେପାର କ୍ଷେତ୍ରରେ ଲାଭ ମିଳିବ । ଜୀବନରେ କିଛି ନୂତନ ପରିବର୍ତ୍ତନ ଆଣିବା ପାଇଁ ଚେଷ୍ଟା କରିବେ । ଗୁରୁ, ଶୁକ୍ର, ଶନିବାରରେ ଜରୁରି କାମ ପ୍ରତି ଅଧିକ ଧ୍ୟାନ ଦେବେ । ସମାଜରେ ମାନସମ୍ମାନ ବୃଦ୍ଧି ହେବ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



## ନିଆରା ପରମ୍ପରା

# ଚିଲିକା ପାଣିରେ ଦୋଳ ମେଳଣ

ବିଷ୍ଣୁ ପ୍ରସାଦ ଦଳେଇ

ଫାଲଗୁନ ମାସ ନବ ବସନ୍ତର ଆଗମନରେ ଧରଣୀ ରାଣୀ ସୁସଜ୍ଜିତା ଏବଂ ଫୁଲ କୁଞ୍ଜରେ ବିମଣ୍ଡିତା । ଏହି ସମୟରେ ଐଶୀପୁରୁଷ ମୟୂର ଚୂଳିଆ, ମୁରଲୀଧାରୀ ନଟରାଜ ଶ୍ରୀକୃଷ୍ଣ ଓ ଶ୍ରୀରାଧା ଦୋଳାରୂଢ଼ ହୋଇ ଅସଂଖ୍ୟ ଭକ୍ତଙ୍କ ମେଳରେ ଗ୍ରାମ ଗ୍ରାମ ଭ୍ରମଣ କରି ଭକ୍ତଙ୍କ ନୈବେଦ୍ୟ ଗ୍ରହଣ କରିଥାନ୍ତି । ଖୋଳ, ତାଳ, ସଂକୀର୍ତ୍ତନ, ଢୋଲ, ପାଇକ ଏବଂ କାହାଳୀର ଘୋଷନାଦ ମଧ୍ୟରେ ପ୍ରକମ୍ପିତ ହୋଇଉଠୁଥାଏ ଗଗନପବନ । ଏହି ସମୟରେ ଶ୍ରୀକୃଷ୍ଣ-ଶ୍ରୀରାଧା ଅଗଣିତ ଭକ୍ତଙ୍କ ଗହଣରେ ଅବିର ଖେଳିଥାନ୍ତି । ଭୋଗଖିଆ ସରିବା ପରେ ପ୍ରତ୍ୟେକ ଗ୍ରାମର ଠାକୁରଠାକୁରାଣୀ ସୁସଜ୍ଜିତ ଦୋଳବିମାନରେ ଆସି ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଥାନ୍ତି । ଏହି ଉତ୍ସବରେ ଦେବଦେବୀଙ୍କ ମହାମିଳନ ଘଟେ । ଭକ୍ତଜନଙ୍କ ମହାମିଳନ ଘଟେ । ବିଭିନ୍ନ ଦୋକାନବଜାର ମେଳି ହୋଇ ପଡ଼ିଆର ଶୋଭା ବର୍ଦ୍ଧନ କରନ୍ତି । ଠାକୁରମାନେ ଦୋଳରେ ଆସି ଏଭଳି କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ସାଜୁଥିବାରୁ ଏହାରି ନାମ ବୋଧହୁଏ 'ଦୋଳ ମେଳଣ' ପୂର୍ବପୁରୁଷମାନେ ରଖିଯାଇଛନ୍ତି ।



### ସୌନ୍ଦର୍ଯ୍ୟର ଗନ୍ତାଘର ମାଲୁଦ-ପାରିକୁଦ

ପୁରୀ ଜିଲ୍ଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ୍‌ର ମାଲୁଦ-ପାରିକୁଦ ଚିଲିକା ସମୁଦ୍ରଘେରା ଅଞ୍ଚଳ ସୌନ୍ଦର୍ଯ୍ୟର ଗନ୍ତାଘର । ରକ୍ତବାହୁ, କଳାପାହାଡ଼, ତକିଖାଁ ପ୍ରଭୃତି ବିଧର୍ମୀଙ୍କ ଆକ୍ରମଣ ସମୟରେ ଏହି ଦେଇ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ଅନେକଥର ଚିଲିକା ମଧ୍ୟକୁ ଆସି ଲୀଳାଖେଳା ସାରି ଫେରିଛନ୍ତି । ଏଠିକାର ଲୋକଙ୍କର ମୁଖ୍ୟ ବେଉସା ଚାଷ (ଧାନଚାଷ) । ଅଧିକାଂଶ ପାଇକାଳି ଗ୍ରାମ । ଫସଲ ଅମଳ ସରିବା ପରେ ଲୋକମାନେ ଖୁସି ମନେଇବା ପାଇଁ ବିଭିନ୍ନ ପ୍ରକାର ଯାନିଯାତ୍ରା ପାଳନ କରନ୍ତି । ସେଥିମଧ୍ୟରୁ 'ଦୋଳ ମେଳଣ' ଅନ୍ୟତମ । ପାରିକୁଦର 'ମାଲୁଦ' ନାମକ ସ୍ଥାନରେ ଚିଲିକା କୂଳରେ ଏପରି ମେଳଣର ପରିକଳ୍ପନା କରାଯାଇଥିବାରୁ ଏବଂ ଦୋଳ ପୂର୍ଣ୍ଣିମାର ପଞ୍ଚମ ଦିନରେ ଏହି ପର୍ବ ଅନୁଷ୍ଠିତ ହେଉଥିବାରୁ ଏହାର ନାମ 'ମାଲୁଦ ପଞ୍ଚଦୋଳ ମେଳଣ' ରଖାଯାଇଛି । ପାରିକୁଦ ମାଟିରେ ଦଶଦୋଳ ମେଳଣ, ଦ୍ୱିତୀୟ ବାଲିଯାତ୍ରା ପଣା ପଡ଼ିଆ ମେଳଣ, ପାରିକୁଦ ମହୋତ୍ସବ ମେଳଣ ଅନୁଷ୍ଠିତ ହୋଇଥାଏ । ଏହି ସବୁ ମେଳଣ ମଧ୍ୟରୁ ମାଲୁଦ ପଞ୍ଚଦୋଳ ମେଳଣ ଅତି ପ୍ରାଚୀନ ।

### ଚାରି ଠାକୁରଙ୍କୁ ନେଇ ଦୋଳ ଆରମ୍ଭ

ଲୋକମୁଖରୁ ଶୁଣାଯାଏ ପ୍ରଥମେ ମାଲୁଦା ପଞ୍ଚୁ ଦୋଳ ମେଳଣ ମଲ୍ଲେଶ୍ୱରୀ ଗୋପୀନାଥ ଦେବ, ନନ୍ଦଳା ଗୋପୀନାଥ ଦେବ, ମାଲୁଦ ଦଧିବାମନ ଦେବ, ବଜ୍ରକୋଟ କୁଞ୍ଜ ବିହାରୀ ଦେବ ଚାରି ଠାକୁରଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ଧୀରେ ଧୀରେ ଦିଅଁଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା । ବର୍ତ୍ତମାନ ମେଳଣରେ ୨୩ ଠାକୁର ଏକତ୍ରିତ ହେଉଛନ୍ତି ।

ମେଳଣ ପଡ଼ିଆରେ ୨୩ ଦେବଦେବୀ


### ୯ ମୌଜା

ଶ୍ରୀ ଶ୍ରୀ ଦଧିବାମନ ଦେବ, ମାଲୁଦ
ଶ୍ରୀ ଶ୍ରୀ ଲଡୁକେଶ୍ୱର ଦେବ, ମଲ୍ଲେଶ୍ୱର
ଶ୍ରୀ ଶ୍ରୀ ଗୋପୀନାଥଦେବ, ମଲ୍ଲେଶ୍ୱର
ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଦେବ, ବୁଦ୍ଧିଚର
ମା' ପାର୍ବତୀ ଦେବୀ, ବୁଦ୍ଧିଚର
ଶ୍ରୀ ଶ୍ରୀ ମଦନମୋହନ ଦେବ, ଫତେପୁର
ଶ୍ରୀ ଶ୍ରୀ ବାବା ଜଗତେଶ୍ୱର ଦେବ, ନବା-ଚାରିଗାଁ
ଶ୍ରୀ ଶ୍ରୀ ବୃନ୍ଦାବନ ଦେବ, ଡିଆଁକୁଦା
ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଦେବ, ପଥରଗଂଜ
ଶ୍ରୀ ଶ୍ରୀ ଗୋପୀନାଥ ଦେବ, ପ୍ରୟାଗୀ
ସ୍ଥାନାଧିପତି –ଶ୍ରୀ ଶ୍ରୀ ପଞ୍ଚମୁଖୀ ହନୁମାନ ଦେବ
(ମାଲୁଦ ମେଳଣ ପଡ଼ିଆ)

### ୧୫ ମୌଜା

ଶ୍ରୀ ଶ୍ରୀ କୁଞ୍ଜବିହାରୀ ଦେବ, ବଜ୍ରକୋଟ
ଶ୍ରୀ ଶ୍ରୀ ଗୋପୀନାଥ ଦେବ, ନନ୍ଦଳା
ଶ୍ରୀ ଶ୍ରୀ ମଦନମୋହନ ଦେବ, ବ୍ରାହ୍ମଣଦେଓ ଦହେଇସାହି
ଶ୍ରୀ ଶ୍ରୀ ରାଧାକାନ୍ତ ଦେବ, କାଣ୍ଟେଶ୍ୱର
ଶ୍ରୀ ଶ୍ରୀ ଶ୍ୟାମସୁନ୍ଦର ଦେବ, ରାମଲେଙ୍କା
ଶ୍ରୀ ଶ୍ରୀ ରଘୁନାଥ ଦେବ, ତାଳତଳା
ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଦେବ, ତାଳତଳା
ଶ୍ରୀ ଶ୍ରୀ ବୃନ୍ଦାବନ ଦେବ, ଉଦୟଗିରି
ଶ୍ରୀ ଶ୍ରୀ ଗୋପାଳଜୀଉ ଦେବ, ନୂଆଗାଁ
ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଦେବ, ବ୍ରାହ୍ମଣଦେଓ ଦଳେଇସାହି
ଶ୍ରୀ ଶ୍ରୀ ବୃନ୍ଦାବନ ଦେବ, ପାଇକରାପୁର
ଶ୍ରୀ ଶ୍ରୀ ରାଇଦାମୋଦର ଦେବ, ସାମନ୍ତରାପୁର

ବର୍ତ୍ତମାନ ଦୋଳ ପୂର୍ଣ୍ଣମୀ ଶେଷ ହେବାର ପଞ୍ଚମ ଦିବସରେ ମାଲୁଦ ମେଳଣ ପାଳିତ ହେଉଛି । ଅୟମାରମ୍ଭ ସମୟରେ ଠାକୁର ଅତି ପ୍ରତ୍ୟୁଷରୁ ମେଳଣ ପଡ଼ିଆ ବିରାଜମାନ କରନ୍ତି, ଯାତନୀତି ପସରା କିଣାବିକା ଦିନସାରା ଚାଲେ, ଠାକୁର ସନ୍ଧ୍ୟାବେଳକୁ ମେଳଣ ସାରି ଗ୍ରାମକୁ ଫେରନ୍ତି । ପୂର୍ବରୁ ଠାକୁର ମେଳଣ ପଡ଼ିଆରେ ରାତ୍ରିରେ ରହିବା ପାଇଁ ଲଣ୍ଠନ, ପେଟ୍ରୋମାକ୍ସ ଲାଇଟ୍‌ର ବନ୍ଦୋବସ୍ତ କରାଯାଉଥିଲା । ସେତେବେଳେ ପ୍ରତିଦିଅଁଙ୍କ ପାଖରେ ପାଲା, ଦାଶକାଠିଆ, ଘୁଡ଼ିକି, ଗୋଟିପୁଅ, ଓଡ଼ିଶୀ, ରାମନାଟକ, ପ୍ରହଲ୍ଲାଦ ନାଟକ, ଭାରତ ଲୀଳା ଇତ୍ୟାଦି ପ୍ରଦର୍ଶନ କରାଯାଉଥିଲା । ଅତୀତରେ ଯେଉଁ ଗ୍ରାମରୁ ଠାକୁର ଆସୁଥିଲେ, ସେହି ଗ୍ରାମରେ ଠାକୁରଙ୍କୁ ବିଜେ କରି ଯାତ୍ରା ହେଉଥିଲା, ଏହାକୁ ଛାମୁଯାତ୍ରା କୁହାଯାଏ । ପରଦିନ ସେହି ଯାତ୍ରା ଦୋଳ ମେଳଣ ପଡ଼ିଆରେ ଠାକୁରଙ୍କ ସମ୍ମୁଖରେ ଯାତ୍ରା ପରିବେଷଣ କରୁଥିଲେ । ସଦର ମଣ୍ଡପକୁ ଜ୍ଞାନଚର୍ଚ୍ଚା ନିମନ୍ତେ ଯାଉଥିଲେ । ଠାକୁର ମେଳଣ ସାରି ଫେରିବା ପରେ ପୁଣି ଗ୍ରାମରେ ବାହୁଡ଼ାଣି ଯାତ୍ରା ଠାକୁରଙ୍କ ମନ୍ଦିର ସମ୍ମୁଖରେ ହୋଇଥାଏ । ଯୁଗ ବଦଳିଛି ପେଟ୍ରୋମାକ୍ସ ଲାଇଟ୍ ଆଉ ନାହିଁ, ରଙ୍ଗିନ ବିଦ୍ୟୁତ ଆଲୋକମାଳାରେ ମେଳଣ ପଡ଼ିଆ ଝଲସୁଛି । ୨୦୧୪ ମସିହାଠାରୁ ଗୋଟିଏ ଦିନ ପରିବର୍ତ୍ତେ ଅଧୁନା ତିନ ଦିନ ଠାକୁର ମେଳଣ ପଡ଼ିଆରେ ରହିଆସୁଛନ୍ତି । ଓଡ଼ିଶାର ନାମକରା ଯାତ୍ରାଦଳ ଆସି ୪ ଦିନ ଯାତ୍ରା ପରିବେଷଣ କରୁଛନ୍ତି । ଦୀର୍ଘ ସାତବର୍ଷ ହେବ, ମେଳଣ ପଡ଼ିଆରେ 'ଆମ ପୁସ୍ତକ ମେଳା' ଆୟୋଜିତ ହୋଇଆସୁଛି । ପ୍ରତିବର୍ଷ ପାଇକ ରଣକୌଶଳ ଅନୁଷ୍ଠିତ ହେଉଛି ।









## ମେଢ଼ ପାଇଁ ଏକ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ

ଚିଲିକା କୂଳରେ ବିସ୍ତୀର୍ଣ୍ଣ ବାଲିପ୍ରାନ୍ତରରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ । ମନ୍ଦ ମନ୍ଦ ଦକ୍ଷିଣା ମଳୟ ପବନ ବହୁଥାଏ । ଚଉଦିଗେ ବଟବୃକ୍ଷ ଶୋଭା ପାଉଥାଏ । ଅତୀତରେ ୧୫ ମୌଜା ( ୯+୬ ) ଦିଅଁ ଚିଲିକା କାନ୍ଦଖାଇ ମୁହାଣ ଦେଇ ଅର୍ଥାତ ଜଳରାଶି ମଧ୍ୟରେ ପଶି ମେଳଣ ପଡ଼ିଆକୁ ଯାଉଥିଲେ । ସେପଟେ ମାଲୁଦ ଦିଅଁମାନଙ୍କ ସହ ମିଳିତ ହୋଇ ଗାଦିରେ ବସୁଥିଲେ । ସେ ଦୃଶ୍ୟ ଅତୀବ ରମଣୀୟ, ଅପାସୋରା । ଏହି ଦୃଶ୍ୟ ଚିତ୍ରିତ ବୋଇତଗୁଡ଼ିକ ଭାସୁଥିବାର ଭ୍ରମ ସୃଷ୍ଟି କରୁଥାଏ । ବର୍ତ୍ତମାନ କନ୍ଦାଖାଇ ରିଙ୍ଗ ହେବା ସତ୍ତ୍ୱେ ସେହି ପରମ୍ପରା ସମ୍ମାନ ଜଣାଇ ୧୫ ମୌଜାର ୧୩ ଦିଅଁ ସୁସଜ୍ଜିତ ବିମାନରେ ଚିଲିକା ମଧ୍ୟରେ ଛତି, ତରାସ, ଚାମର ସହ ପାଟ ପଟୁଆରରେ ଅଧା କିଲୋମିଟର ଝୁଲି ଝୁଲି ଗତି କରିଥାନ୍ତି । ସତେ ଯେପରି ଯମୁନା ଜଳ ମଧ୍ୟରେ ରାଧାକୃଷ୍ଣ ନାବକେଳି କରି କରି ଆସୁଛନ୍ତି । ସୂର୍ଯ୍ୟଙ୍କର ମଧ୍ୟାହ୍ନ ପ୍ରଖର ଜ୍ୟୋତି ସୁସଜ୍ଜିତ ବିମାନ ଓ ଚିଲିକା ଜଳରାଶି ଉପରେ ପଡ଼ି ଅବର୍ଣ୍ଣନୀୟ ଶୋଭା ସୃଷ୍ଟି କରୁଥାଏ । ଏହି ପଞ୍ଚଦୋଳକୁ ଯେଉଁ ବିମାନଗୁଡ଼ିକ ଆସେ, ବିମାନର ପଶ୍ଚାତ ଭାଗରେ ଛାଟେଣୀ ଲାଗିଥାଏ । ଏହାକୁ ପ୍ରଭା କୁହାଯାଏ । ବିମାନ ସହ ପ୍ରଭାକୁ ମେଢ଼ କୁହାଯାଏ । ମେଢ଼ଗୁଡିକ ଜିଙ୍କ୍, ଜମୁରା, ସୋଲ, କାଚ, ଚୁମିକି ଆଦିରେ ଆକର୍ଷଣୀୟ ଭାବେ ତିଆରି କରାଯାଇଥାଏ । ଡାଲି ଆଙ୍କିବା, କାଟିବା, ଜିଙ୍କ୍ ଦେବା ନିଖୁଣ ସ୍ଥାନୀୟ କାରିଗର କିମ୍ବା ବାହାର କାରିଗର ଦ୍ୱାରା ଗ୍ରାମବାସୀମାନଙ୍କ ସହଯୋଗରେ ହୋଇଥାଏ । ଏହି ମେଢ଼ ତିଆରି କରିବା ନିମନ୍ତେ ପ୍ରାୟ ଏକ ମାସରୁ ଅଧିକ ଦିନ ଲାଗିଥାଏ । ପ୍ରାୟ ପ୍ରତ୍ୟେକ ମେଢ଼ରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥାଏ ।

ଅତୀତରେ କେବଳ କୁଞ୍ଜବିହାରୀ ଦେବ କୁଞ୍ଜରେ ଆସୁଥିଲେ । ଅନ୍ୟ ଠାକୁରମାନେ ଚଉଦଳ ସହ ପ୍ରଭାରେ ଆସୁଥିଲେ । ୧୯୯୯ ମହାବାତ୍ୟା ପରେ ନନ୍ଦଳାର ଶ୍ରୀଗୋପୀନାଥ ଦେବଙ୍କ ନିମନ୍ତେ କୁଞ୍ଜଟିଏ ଅଣାଗଲା । ପରେ ପରେ ପ୍ରାୟ ପ୍ରତ୍ୟେକ ଠାକୁର ସୁସଜ୍ଜିତ କୁଞ୍ଜରେ ମେଳଣ ପଡ଼ିଆକୁ ବିରାଜମାନ କରନ୍ତି । ଠାକୁରଙ୍କ ସାଥିରେ ଆସିଥାଏ ବିରାଟ ପଟୁଆର । ସଂପ୍ରତି ପଥରଗଞ୍ଜ, ବୁଦ୍ଧିବର, ଡିଆକୁଦା ପ୍ରଭୃତିଙ୍କ ପଟୁଆର ପଞ୍ଚଦୋଳର ଶୋଭା ବୃଦ୍ଧି କରି ଆସୁଛି । ଏଠାରେ ପଞ୍ଚଦୋଳର ପୂର୍ବଦିନ ତଗା (ଶୁଭଖୁଣ୍ଟ) ପୋତାଯାଏ । ମାଲୁଦ ୯ ମୌଜା ତରଫରୁ ମାଲୁଦ ଦୁର୍ଗା ଦେବୀଙ୍କ ବାନା ବନ୍ଧା ଥିବା ଏକ ବିରାଟ ତଗା ପାଟ ପଟୁଆର ଘଣ୍ଟ, କାହାଳୀ, ମୃଦଙ୍ଗ ପାଇକ ସହିତ ମେଳଣ ପଡ଼ିଆରେ ପ୍ରବେଶ କରି ଶୁଭଖୁଣ୍ଟି ସ୍ଥାପନ କରିଥାନ୍ତି । ପରେ ପରେ ବଜ୍ରକୋଟ ୧୫ ମୌଜା ତରଫରୁ ବଜ୍ରକୋଟ ଦୁର୍ଗା ଦେବୀ ଠାକୁରାଣୀଙ୍କ ବାନା ସହ ବିରାଟ ତଗା ପଞ୍ଚଦୋଳ ପଡ଼ିଆର ଦକ୍ଷିଣପାର୍ଶ୍ୱ ଐଶାନ କୋଣରେ ସ୍ଥାପନ କରାଯାଏ ।





## ଠାକୁରଙ୍କ ରୀତିନୀତି

ତିନିଦିନ ଭକ୍ତ ଭଗବାନ ଏକାକାର ହେବା ପରେ ୪ର୍ଥ ଦିନ ବଡ଼ି ଭୋରରୁ ମହାମେଳଣ ଅନୁଷ୍ଠିତ ହୋଇଥାଏ । ହଠାତ୍ ଘଣ୍ଟା କାହାଳୀ ବାଜି ଉଠେ ସବୁ ଦିଅଁମାନେ ଆସନରୁ ଉଠି ଚକ୍ରାକାରରେ ସାତଘେରା ପରିକ୍ରମା କଲା ପରେ ବିଧି ମୁତାବକ ମେଳଣ ପଡ଼ିଆରୁ ନିଜ ନିଜ ଗ୍ରାମାଭିମୁଖୀ ହୋଇଥାନ୍ତି । ଦୋଳପୂର୍ଣ୍ଣମୀର ପଞ୍ଚମ ଦିନ ଠାକୁରାଣୀଙ୍କ ଆଜ୍ଞାମାଳ ବନ୍ଧା ଥିବା ତଗାପୋତା ଯାଇଥାଏ । ଠାକୁରମାନେ ଷଷ୍ଠ ଦିନ ବଡ଼ି ଭୋରରୁ ନିଜ ନିଜ ମନ୍ଦିରରୁ ବାହାରି ଦୋଳ ବିମାନରେ ବସି ପଞ୍ଚଦୋଳ ମେଳଣ ପଡ଼ିଆକୁ ଗତି କରିଥାନ୍ତି । ବଡ଼ି ଭୋର୍‌ରୁ ସର୍ବ ପ୍ରଥମେ ମାଲୁଦ ଦଧିବାମନ ଦେବ ଗାଦିରେ ବସିବା ପରେ ମାଲୁଦ ୯ ମୌଜାରୁ ଅନ୍ୟ ଠାକୁରମାନେ ପରମ୍ପରା ଅନୁସାରେ ପାଟ ପଟୁଆରରେ ଆସି ପଞ୍ଚଦୋଳ ପଡ଼ିଆରେ ଥିବା ଗାଦିରେ ବସିଥାନ୍ତି । ତେବେ ୧୫ ମୌଜା ଦିଅଁ ମେଳଣ ପଡ଼ିଆକୁ ବିଜେ କରିବା ପରମ୍ପରା ନିଆରା । ନନ୍ଦଳା ୯ ମୌଜାର ସର୍ବପୁରାତନ ସ୍ଥାପିତ ଠାକୁର ନନ୍ଦଳା ଶ୍ରୀଗୋପୀନାଥ ଦେବଙ୍କ ନେତୃତ୍ୱରେ ଠାକୁରମାନେ ଏକତ୍ରିତ ହୋଇ ବ୍ରାହ୍ମଣଦେଓ ଗ୍ରାମଦାଣ୍ଡରେ ଢୋଲ, ପାଇକ ଖୋଳତାଳ ସହ ମହାପଟୁଆରେ ଯାଇ ବଜ୍ରକୋଟରେ ଏକତ୍ରିତ ହୁଅନ୍ତି । ନନ୍ଦଳା ଶ୍ରୀଗୋପୀନାଥ ଦେବ ପହଞ୍ଚିବା ପରେ ବଜ୍ରକୋଟ କୁଞ୍ଜବିହାରୀ ଦେବଙ୍କ ଠାକୁରାଣୀ ବାନା ଆସେ । ସମସ୍ତ ଠାକୁର ମିଳିତ ହୋଇ ବଜ୍ରକୋଟ ଦାଣ୍ଡରେ ଗତି କରିଥାନ୍ତି । ପ୍ରତି ଠାକୁରଙ୍କ ସାଥିରେ ମେଘ ଡମ୍ବୁର, ଛତି, ତରାସ, ଦୁଆରଗେଡ଼ା, ମାଙ୍କଡ଼ ଥାଏ । ମେଳଣ ପଡ଼ିଆକୁ ଯିବା ପୂର୍ବରୁ ୯+୬= ୧୫ ମୌଜାର ସମସ୍ତ ଦିଅଁ ଚିଲିକା ମଧ୍ୟରେ ଥିବା ଏକ ଟାପୁ ଉପରେ ଅବସ୍ଥାପନ କରିଥାନ୍ତି । ଯଦି କୌଣସି ଗ୍ରାମର ଦିଅଁ କୌଣସି ବିଶୃଙ୍ଖଳାରୁ ଆସିପାରି ନଥାନ୍ତି ତାଙ୍କୁ ବୁଝାସୁଝା କରି ଆଣି ଏକତ୍ରିତ ହୋଇ ଚିଲିକା ଜଳରାଶି ମଧ୍ୟରେ ପଶି ମାଲୁଦ ଧୋବାସାହି ନିକଟ ପଡ଼ିଆରେ ପହଞ୍ଚିଥାନ୍ତି । ସେଠାରୁ ବିଭିନ୍ନ ଗ୍ରାମରୁ ଆସିଥିବା ପଟୁଆର ସହ ଧୀରେ ଧୀରେ ମେଢ଼ଗୁଡ଼ିକ ପଡ଼ିଆ ଅଭିମୁଖୀ ହୋଇ ନିଜ ନିଜ ଆସ୍ଥାନରେ ବସିଥାନ୍ତି । ସେଠାରେ ତିନିଦିନ ଦିଅଁ ରହିବା ସମୟରେ ୨୪ ମୌଜା ମେଳଣ କମିଟି ତରଫରୁ ନୂଆଁହାଣ୍ଡିରେ ପ୍ରତିଦିନ ଚଣା, ସାକାର, କଦଳୀ ପ୍ରଭୃତି ଶୁଖିଲା ଭୋଗ ଲାଗି ହୋଇଥାଏ । ପଞ୍ଚଦୋଳକୁ ୨୪ ମୌଜା ମେଳଣ କମିଟି ପରିଚଳାନା କରିଥାଏ । ସଂଗ୍ରାମ କେଶରୀ ପଟ୍ଟନାୟକ (୨୪ ମୌଜା ମାରଫଦାର ) ବଳିଷ୍ଠ ନେତୃତ୍ୱ ତଥା ୨୪ ମୌଜା ଭଦ୍ରବ୍ୟକ୍ତି, ଯୁବବନ୍ଧୁମାନଙ୍କ ସଂପୂର୍ଣ୍ଣ ସହଯୋଗରେ ଏ ଦେବ କାର୍ଯ୍ୟ ସୁଚାରୁରୂପେ ସଂପାଦିତ ହୋଇଥାଏ ।

## ପୁସ୍ତକ ମେଳା



ଦୋଳ ମେଳଣ ଅବସରରେ ଏଠାରେ ଏକ ପୁସ୍ତକ ମେଳାର ଆୟୋଜନ କରାଯାଇଥାଏ । ସୁସାହିତ୍ୟକ ଗବେଷକ ବାନାମ୍ବର ବାରିକଙ୍କ ନେତୃତ୍ୱରେ 'ଆମ ପୁସ୍ତକ ମେଳା' ଦୀର୍ଘ ସାତବର୍ଷ ଧରି ଆୟୋଜିତ ହୋଇଆସିଛି । ଅନୁଷ୍ଠାନର ସଭାପତି ଉଲ୍ଲାସ ଚନ୍ଦ୍ର ଜେନା. ସଂପାଦକ ବିଷ୍ଣୁପ୍ରସାଦ ଦଳେଇଙ୍କ ସମେତ ୧୩୦ ଜଣ ସଭ୍ୟଙ୍କ ସହଯୋଗରେ ମେଳଣ ପଡ଼ିଆଠାରେ ପୁସ୍ତକ ମେଳା ଆୟୋଜିତ ଆସୁଅଛି । ପୁସ୍ତକ ପଠନ ପ୍ରତି ଜନସାଧାରଣଙ୍କ ଭିତରେ ଆଗ୍ରହ ସୃଷ୍ଟି ପାଇଁ ଏହି ପୁସ୍ତକ ମେଳାର ଆୟୋଜନ କରାଯାଉଛି ।


ମାଲୁଦ ପଞ୍ଚଦୋଳ ମେଳଣ କେବଳ ଏକ ଆଧ୍ୟାତ୍ମିକ ଜାଗରଣ ନୁହେଁ, ସାହିତ୍ୟ, ସଂସ୍କୃତି, ପରମ୍ପରାକୁ ବଞ୍ଚାଇ ରଖିବାର ଏକ ଅଭିନବ ପ୍ରୟାସ । ମାଲୁଦ ମହାମେଳଣ ଭାଇଚାରାର ଏକ ଜ୍ୱଳନ୍ତ ନିଦର୍ଶନ । ଐତିହାସିକ ମେଳଣ ପଡ଼ିଆର ଉନ୍ନତି, ପଞ୍ଚମୁଖୀ ହନୁମାନ ମନ୍ଦିରର ସୌନ୍ଦର୍ଯ୍ୟକରଣ, 'ଆମ ପୁସ୍ତକମେଳା'ର ଉନ୍ନତି ନିମନ୍ତେ ରାଜ୍ୟସରକାର ଦୃଷ୍ଟି ଦେଲେ ମାଲୁଦ ପଞ୍ଚଦୋଳ ମେଳଣର ସୁଖ୍ୟାତି ଓଡ଼ିଶା କାହିଁକି ସାରା ଭାରତରେ ମଧ୍ୟ ପ୍ରଚାରିତ ହୋଇପାରନ୍ତା ।

ସଂପାଦକ, ଆମ ପୁସ୍ତକମେଳା
କୃଷ୍ଣପ୍ରସାଦ, ମାଲୁଦ, ପୁରୀ, ମୋ: ୯୮୬୧୬୯୯୮୦୯



# ସାଂସ୍କୃତିକ ପ୍ରେକ୍ଷାପଟରେ ମାଲୁଦ ପଞ୍ଚୁଦୋଳ

ମରାଳ ମାଳିନୀ ନିଳାମ୍ବୁ ଚିଲିକାର ସୌନ୍ଦର୍ଯ୍ୟ ସର୍ବଦା ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରି ଆସିଛି । ଗୋଟିଏ ପଟେ ଚିଲିକାର ଅପୂର୍ବ ସୌନ୍ଦର୍ଯ୍ୟ, ଅନ୍ୟପଟେ ମା' କାଳିଜାଈଙ୍କ ପ୍ରତି ଗଭୀର ଭକ୍ତିଭାବ ଏଠାକୁ ଟାଣି ଆଣେ ପର୍ଯ୍ୟଟକ ଓ ଭକ୍ତମାନଙ୍କୁ । ଚିଲିକାର ଏକ ଦ୍ୱୀପାଞ୍ଚଳ ହେଉଛି ପାରିକୁଦ । ପ୍ରତିବର୍ଷ ଆକର୍ଷଣୀୟ ଓ ଭବ୍ୟ ସମାରୋହରେ ଏଠାରେ ପଞ୍ଚୁ ଦୋଳ ମେଳଣ ଅନୁଷ୍ଠିତ ହୋଇଥାଏ । ନିଆରା ମାଲୁଦ ପଞ୍ଚୁ ଦୋଳ ଦୋଳଣ । ଚଳିତ ବର୍ଷ ଶେଷ ହୋଇଯାଇଛି ମାଲୁଦ ପଞ୍ଚ ଦୋଳ ମେଳଣ । ତଥାପି ଏହାର ଭବ୍ୟ ଆୟୋଜନକୁ ନେଇ ଗଣମାଧ୍ୟମରେ ଚର୍ଚ୍ଚା ଲାଗି ରହିଛି । ପାରିକୁଦ ଦ୍ୱୀପର ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣର ଇତିହାସ, ପରମ୍ପରା ଓ ଭବ୍ୟ ସାଂସ୍କୃତିକ ଆୟୋଜନକୁ ନେଇ ପ୍ରସ୍ତୁତ ଏହି ସ୍ୱତନ୍ତ୍ର ଉପସ୍ଥାପନା ।



ସୁଷମା ପରିଜା



ବିଶ୍ୱର ବୃହତ୍ତମ ଲୁଣା ହ୍ରଦ ଚିଲିକାର ଏକ ଟାପୁ ବା ଦ୍ୱୀପାଞ୍ଚଳ ହେଉଛି ପାରିକୁଦ । ସତାନବେଟି ମୌଜାକୁ ନେଇ ଗଠିତ ଏହି ଦ୍ୱୀପାଞ୍ଚଳର ସୌନ୍ଦର୍ଯ୍ୟ ଯେତିକି ପ୍ରସିଦ୍ଧ, ଐତିହ୍ୟ ତା'ଠାରୁ ଆହୁରି ପ୍ରଲମ୍ବିତ । ସ୍ୱାଧୀନତା ସଂଗ୍ରାମରେ ଏକଦା ଏଠାକାର ବୀର ପାଇକମାନଙ୍କ ବୀରତ୍ୱ ସାରା ଦେଶରେ ଚହଳ ପକାଇଥିଲା । ଉତ୍ତର-ପଶ୍ଚିମ ପଟରେ ଚିଲିକା ହ୍ରଦ ଏବଂ ଦକ୍ଷିଣ ପୂର୍ବ ପଟରେ ବଙ୍ଗୋପସାଗର ଦ୍ୱାରା ଆବେଷ୍ଟିତ ଏହି ଦ୍ୱୀପାଞ୍ଚଳରେ ସତାନବେଟି ମୌଜା ରହିଛି । ପାରିକୁଦର ମୁଖ୍ୟ ଆକର୍ଷଣ ହେଉଛି କାଳିଜାଈ ମନ୍ଦିର ଓ ଚିଲିକା ହ୍ରଦ । ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ପାରିକୁଦ ଏକ ନିଆରା ଦ୍ୱୀପାଞ୍ଚଳ । ଏହି ଦ୍ୱୀପାଞ୍ଚଳର ପୂର୍ବାନ୍ତରେ ଅବସ୍ଥିତ ଜହ୍ନିକୁଦ ହେଉଛି ଏଠାରୁ ପୁରୀ ଯିବା ପାଇଁ ପ୍ରବେଶ ଦ୍ୱାର । ଚାଷ କାର୍ଯ୍ୟ ଏବଂ ମାଛଧରା ଏଠାକାର ବାସିନ୍ଦାଙ୍କ ମୁଖ୍ୟ ଜୀବିକା । ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଆଧ୍ୟାତ୍ମିକ ପୀଠ ପାଇଁ ଏହା ଆକର୍ଷଣ ଅନନ୍ୟ । ସର୍ବଦା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛି ଚିଲିକା ।



## ପାରିକୁଦର ଇତିହାସ

ଇତିହାସ କହେ ୧୭୭୪ ମସିହା ପର୍ଯ୍ୟନ୍ତ ଏହି ଭୂଖଣ୍ଡ ବଙ୍କାଡ଼ଗଡ଼ (ବାଣପୁର) ରାଜାଙ୍କ ଅଧୀନରେ ଥିଲା । କୁଚକ୍ରୀ ଇଂରେଜ ସରକାରଙ୍କ ସୈନ୍ୟବାହିନୀ ବାଣପୁର ଦଖଲ କରିନେବା ପରେ ତତ୍କାଳୀନ ରାଜା ଶ୍ରୀ ହରି ସେବକ ମାନସିଂହ ଚିଲିକା ହ୍ରଦ ମଧ୍ୟରେ ଥିବା ପାରିକୁଦ ଦ୍ୱୀପାଞ୍ଚଳର ଗୁରୁବାଇର ନୃସିଂହଗଡ଼କୁ ତାଙ୍କ ରାଜଧାନୀ ଉଠାଇ ନେଇଥିଲେ । ତାହାର କିଛି ବର୍ଷ ପରେ ସେହି ବଂଶର ଷୋଡ଼ଶତମ ରାଜା ଶ୍ରୀ ଭାଗିରଥୀ ମାନସିଂହ କୃଷ୍ଣପ୍ରସାଦଠାରେ ଏକ ବିରାଟ ରାଜପ୍ରସାଦ ନିର୍ମାଣ କରାଇ ୧୭୯୮ ମସିହାରେ ସେଠାରେ ଯାଇ ବସବାସ କଲେ । ସେହି ଅଞ୍ଚଳକୁ କୃଷ୍ଣପ୍ରସାଦ ଗଡ଼ ନାମରେ ନାମିତ କରାଗଲା । ଗଡ଼ରେ ଶ୍ରୀଗୋପୀନାଥ ଜୀଉଙ୍କ ମନ୍ଦିର ତୋଳାଇ ଠାକୁରଙ୍କ ନିତ୍ୟ ପୂଜା ବିଧି କରିବା ପାଇଁ ଗୋଟିଏ ବ୍ରାହ୍ମଣ



ଶାସନ ବସାଇଲେ । ତାହା ଗୋପୀନାଥପୁର ଶାସନ ନାମରେ ପରିଚିତ ହେଲା । କୃଷ୍ଣପ୍ରସାଦ ଗଡ଼ଟି ସବୁ ଦିଗରୁ ସୁରକ୍ଷିତ ଥିଲା, କାରଣ ଚାରିପଟେ ଚିଲିକା ହ୍ରଦର ଜଳ ଘେରି ରହିଥିବା ପାରିକୁଦ ଦ୍ୱୀପାଞ୍ଚଳକୁ ଅତିକ୍ରମ କରିବା ଇଂରେଜ ବାହିନୀ ପକ୍ଷରେ ସହଜସାଧ୍ୟ ନଥିଲା । ୧୮୦୩ ମସିହାରେ ଇଂରେଜମାନେ ଦକ୍ଷିଣ ପଟରୁ ଆସି ଓଡ଼ିଶା ଆକ୍ରମଣ କରିବା ସମୟରେ ଏଠାକାର ବୀର ପାଇକମାନଙ୍କ ଦ୍ୱାରା ପରାହତ ହୋଇଥିଲେ । ସେହି ସମୟରେ ମାଲୁଦ କନ୍ଦାଖାଇ ଗ୍ରାମର ଜଣେ ଡଙ୍ଗା ମାଲିକ ଫତେ ମହମ୍ମଦ ଇଂରେଜମାନଙ୍କଠାରୁ ଉତ୍କୋଚ ନେଇ ରାଜ୍ୟ ଓ ରାଜାଙ୍କ ସହ ବିଶ୍ୱାସଘାତକତା କରି ଇଂରେଜ ସେନାବାହିନୀକୁ ପାରିକୁଦର ପୂର୍ବ ପଟରେ ଥିବା ଗଳାବାଟ ଦେଖାଇ ଦେଇଥିଲା । ସେଇ ବାଟ ଦେଇ ଖୁବ୍ ସହଜରେ ସେମାନେ ପହଞ୍ଚି ପୁରୀକୁ ଦଖଲ କରିନେଇଥିଲେ । ପୁରସ୍କାର ସ୍ୱରୂପ ଫତେ ମହମ୍ମଦକୁ ଦେଇଥିଲେ ଜାଗିରି ଜମି ଭାବରେ ପାରିକୁଦ ମାଲୁଦର କିଛି ଅଂଶ, ଯାହା 'ହାରାମ ଜାଗିରି' ନାମରେ ପରିଚିତ ହୋଇଥିଲା । ବିଶ୍ୱାସଘାତକ ଫତେ ମହମ୍ମଦଙ୍କ ନିନ୍ଦନୀୟ କାର୍ଯ୍ୟର ସ୍ମୃତି ଚାରଣ କରି ଉକ୍ତ ଜାଗିରିଟି ସେହି ନାମରେ ଏବେ ମଧ୍ୟ ପରିଚିତ ହେଉଛି ।

ସ୍ୱାଧୀନତାର ପରବର୍ତ୍ତୀ କାଳରେ ମଧ୍ୟ କୃଷ୍ଣପ୍ରସାଦ ଗଡ଼ର ଭବ୍ୟ ରାଜପ୍ରସାଦଟି ପାରିକୁଦ ରାଜ୍ୟର ରାଜାଙ୍କ ଅଧୀନରେ ରହିଥିଲା । ସେହି ରାଜପ୍ରସାଦର ସୌନ୍ଦର୍ଯ୍ୟରେ ଆକୃଷ୍ଟ ହୋଇ ଅନେକ ବ୍ରିଟିଶ୍ ଶାସକ ଅତିଥି ଭାବରେ ଆସିଥିଲେ ସେଠାକୁ । ପାରିକୁଦ ରାଜପ୍ରସାଦଟି ବର୍ତ୍ତମାନ ସୁଦ୍ଧା ଅକ୍ଷୁଣ୍ଣ ରହିଛି । ଏବେ ଏହା ଏକ ଭବ୍ୟ ଅତିଥି ନିବାସ ଭାବରେ ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ବିଶେଷ ସ୍ଥାନ ଅଧିକାର କରିଛି । ଏହାର ବର୍ତ୍ତମାନର ଉତ୍ତରାଧିକାରୀ ରାଜା ହେଉଛନ୍ତି ଶ୍ରୀ ସନ୍ତୋଷ ଚନ୍ଦ୍ର ଦେବ ।





## ଲୋକକଥାରେ
## ମାଲୁଦ ଦୋଳ ମେଳଣ

ଲୋକକଥା ଅନୁସାରେ ଆଜିକୁ ପ୍ରାୟ ଦେଢ଼ ଶହ ବର୍ଷ ତଳେ ପାରିକୁଦ ରାଜାଙ୍କ ପୃଷ୍ଠପୋଷକତାରେ ମାଲୁଦଠାରେ ଆରମ୍ଭ ହୋଇଥିଲା ପଞ୍ଚୁ ଦୋଳ ମେଳଣ। ମଲ୍ଲେଶ୍ୱରୀ ଗ୍ରାମ ଦେବତା ଶ୍ରୀ ଶ୍ରୀ ଗୋପୀନାଥ ଜୀଉଙ୍କ ନିମନ୍ତ୍ରଣ କ୍ରମେ ଆଖପାଖର ଚାରିଗୋଟି ଗ୍ରାମର ଦୋଳ ବିମାନ (ମଲ୍ଲେଶ୍ୱରୀ ଠାକୁର, ମାଲୁଦ ଠାକୁର ଏବଂ ବଜ୍ରକୋଟ ଠାକୁର) ପ୍ରଥମେ ସେଥିରେ ଯୋଗ ଦେଇଥିଲେ। ଶ୍ରଦ୍ଧାଳୁ ଭକ୍ତମାନେ ଝାଞ୍ଜ ମୃଦଙ୍ଗ ଖୋଳ କରତାଳ ଶଙ୍ଖ ମହୁରୀ ସହିତ ଫଗୁ ଅବିରରେ ପୂଜାର୍ଚ୍ଚନା କରିଥିଲେ। ଦୋଳଗୋବିନ୍ଦଙ୍କ ସହିତ ଶ୍ରୀଦେବୀ ଭୂଦେବୀଙ୍କ ସୁସଜ୍ଜିତ ଦୋଳବିମାନ ଅଗଣିତ ଭକ୍ତମାନଙ୍କ କାନ୍ଧରେ ବୁହା ହୋଇ ଚିଲିକାର ଜଳରାଶି ମଧ୍ୟରେ ପଟୁଆରରେ ଆସି କୃଷ୍ଣପ୍ରସାଦର ମେଳଣ ପଡ଼ିଆରେ ପହଞ୍ଚିବା ପରେ ସେଠାରେ ଭଜନ କୀର୍ତ୍ତନ, ଫଗୁ ଖେଳ ସହ ବିଭିନ୍ନ ପ୍ରକାରର ଲୋକନୃତ୍ୟ ପରିବେଷଣ ହୋଇଥାଏ। ହ୍ରଦର ଜଳବନ୍ଧୀ ଅଞ୍ଚଳରେ ରହୁଥିବା ଅଧିବାସୀମାନଙ୍କ କିଣାବିକା ପାଇଁ ହାଟ ବଜାର ମଧ୍ୟ ବସୁଥିଲା। ପାଇକମାନଙ୍କ ଆଖଡ଼ା ମଧ୍ୟ ଦେଖିବାକୁ ମିଳୁଥିଲା।



## ନିଆରା ମାଲୁଦ ଦୋଳ ମେଳଣ

ପ୍ରଥମେ ଚାରୋଟି ଗ୍ରାମର ଦୋଳ ବିମାନ ମେଳଣରେ ଯୋଗ ଦେଇଥିଲେ। ଧୀରେ ଧୀରେ ଅଧିକରୁ ଅଧିକ ଦୋଳ ବିମାନ ମେଳଣରେ ସାମିଲ ହୋଇଥିଲେ। ବର୍ତ୍ତମାନ ସମୟରେ ଚବିଶି ଗୋଟି ଗ୍ରାମରୁ ତେଇଶି ଗୋଟି ଗ୍ରାମର ଦୋଳ ବିମାନ ଏହି ମେଳଣରେ ଯୋଗ ଦେଉଛନ୍ତି। ଏହି ମେଳଣର ବିଶେଷତ୍ୱ ହେଉଛି ଏହା ଯେ, ଏଥିରେ କେବଳ ରାଧା -କୃଷ୍ଣ କି ହରି- ହର ନୁହଁନ୍ତି ବରଂ ପାର୍ବତୀ, ହନୁମାନଜୀ ମଧ୍ୟ ସାମିଲ ହୋଇଥାନ୍ତି। ସେଇ ସମୟରୁ ଆରମ୍ଭ ହୋଇଥିବା ପାରିକୁଦର ପଞ୍ଚୁ ଦୋଳ ମେଳଣ ସମୟର ସ୍ରୋତରେ ପରିବର୍ତ୍ତିତ ଓ ପରିବର୍ଦ୍ଧିତ ହୋଇ ଆଜି ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ପରିଣତ ହୋଇଛି। କାଠ ତିଆରି ଦୋଳ ବିମାନ ବଦଳରେ ସୋଲ, ଜରିରେ ତିଆରି ସୁନ୍ଦର ମେଢ଼ମାନଙ୍କ ଭିତରେ ବସି ଠାକୁରମାନେ ଚିଲିକାର ନୀଳ ଜଳରାଶି ଭିତରେ ମହା ସମାରୋହରେ ଆସୁଛନ୍ତି ମେଳଣକୁ। ତେଇଶିଟି ଦୋଳ ବିମାନ ଦୁଇ ଭାଗରେ ବିଭକ୍ତ ହୋଇ ଆସୁଛନ୍ତି ମେଳଣ ପଡ଼ିଆକୁ। ଗୋଟିଏ ପଟରୁ ତେରଟି ଏବଂ ଅନ୍ୟ ପଟରୁ ଦଶଟି ମେଢ଼ ପଟୁଆର କରି ଆସନ୍ତି। ସବୁ ମେଢ଼ ମେଳଣ ପଡ଼ିଆରେ ପହଞ୍ଚି ଖୁଣ୍ଟି ଲାଗି ହେଲା ପରେ ବ୍ରାହ୍ମଣମାନେ ପୂଜାର୍ଚ୍ଚନା କରିଥାନ୍ତି। ଠାକୁରଙ୍କୁ ଫଗୁ ଅବିର ଅର୍ପଣ କରାଯାଏ।

## ସାଂସ୍କୃତିକ କାର୍ଯ୍ୟକ୍ରମ

ବର୍ତ୍ତମାନ ମେଳଣ ପଡ଼ିଆରେ ପାଇକମାନଙ୍କ ଅସ୍ତ୍ର ଶସ୍ତ୍ର ଚାଳନା, ନିଆଁ ବନାଟି, ବାଡ଼ି ଖେଳ ଏବଂ ପାରମ୍ପରିକ ଲୋକନୃତ୍ୟ, ଭଜନ ଜଣାଣ ସହିତ ପାଲା, ଯାତ୍ରା, ମେଲୋଡି କାର୍ଯ୍ୟକ୍ରମ, ପୁସ୍ତକ ମେଳା ମଧ୍ୟ ହେଉଛି। ପିଲାଙ୍କ ପାଇଁ ମନୋରଞ୍ଜନ କାର୍ଯ୍ୟକ୍ରମ ଭାବରେ ଖେଳଣା ଦୋଳି, ଚକ୍ରୀ ଦୋଳି ଇତ୍ୟାଦି ସାମିଲ ହୋଇଛି। ଅସ୍ଥାୟୀ ଦୋକାନ ବଜାର, ଆଲୋକ ସଜ୍ଜା ଏତେ ବଢ଼ି ଯାଇଛି ଯେ ଏବେ ଏହା କଟକର ବାଲିଯାତ୍ରା ଭଳି ମନେ ହେଉଛି। ଚାରି ପାଞ୍ଚ ଦିନ ଧରି ଚାଲୁଥିବା ଏହି ମେଳଣଟି କେବଳ ଓଡ଼ିଶା କି ଭାରତ ନୁହେଁ ଏବେ ସାରା ବିଶ୍ୱରେ ସୁନାମ ଅର୍ଜନ କରିଛି। ଦୂରଦୂରାନ୍ତରୁ ଲକ୍ଷ ଲକ୍ଷ ଲୋକ ପାରିକୁଦ ଛୁଟି ଆସୁଛନ୍ତି ଏହି ବର୍ଣ୍ଣାଢ୍ୟ ଉତ୍ସବ ଦେଖିବାକୁ। ପାରମ୍ପରିକ ଘୋଡ଼ା ନାଚ, ସିଂହ ଲଢ଼େଇ, ଷଣ୍ଢ ଲଢ଼େଇ, ନାଗା ନାଚ, କାଳିକା ନାଚ, ବୁଢ଼ାବୁଢ଼ୀ ନାଚ ଇତ୍ୟାଦି ଲୋକନୃତ୍ୟ ସହିତ ସୋଲ, ଜରିରେ ତିଆରି ତୋରଣ ଯୁକ୍ତ ଦୋଳ ବିମାନ, ଛତ୍ର ଚାମର, ତରାସ, ଆଢ଼େଣୀ, ଆଲଟ ଧରି ଶହ ଶହ ଭକ୍ତଙ୍କ ମେଳରେ ଆଣ୍ଠୁଏ ପାଣିରେ ଶୋଭାଯାତ୍ରା କରି ଆସୁଥିବା ଦୋଳଗୋବିନ୍ଦଙ୍କୁ ଦେଖିଦେଲେ ମନରେ ସ୍ୱତଃ ଭକ୍ତିଭାବ ସୃଷ୍ଟି ହୋଇଥାଏ। ପାରିକୁଦ ମାଲୁଦର ପଞ୍ଚୁ ଦୋଳ ମେଳଣ କେବଳ ଏକ ପାରମ୍ପରିକ ଉତ୍ସବ ନୁହେଁ, ଏହା ମଣିଷ ସହ ମଣିଷର ସମ୍ପର୍କ ଏବଂ ସଂସ୍କୃତି ସହ ସଂସ୍କୃତିର ବିନିମୟର ଏକ ଉତ୍କୃଷ୍ଟ ନିଦର୍ଶନ। ଗ୍ରାମ ଗ୍ରାମ ମଧ୍ୟରେ ଭାଇଚାରା, ଧାର୍ମିକ ସଦଭାବନାର ସଂସ୍ଥାପନା। ଓଡ଼ିଶା ରାଜ୍ୟର ଆଧ୍ୟାତ୍ମିକ ଐତିହ୍ୟ, ଗ୍ରାମୀଣ ଓଡ଼ିଶାର ସାଂସ୍କୃତିକ ଜୀବନ ଏବଂ ସାମାଜିକ ଏକତା ଏକ ଅନନ୍ୟ ଉଦାହରଣ। ଏକ ସମୃଦ୍ଧ ପରମ୍ପରା। ■





ଶାରଳା ଭବନ
ପୋତା ପୋଖରୀ, କଟକ-୪, ମୋ: ୯୩୩୭୨୭୨୬୪୭



# ଚିଲିକାରେ ଶ୍ରୀଜଗନ୍ନାଥ ‘ମାଲୁଦ ମେଳଣ’



ଅଧ୍ୟାପକ କାଶୀନାଥ ନାୟକ

ଓଡ଼ିଶାର ଦଶହରା ପର୍ବ ଭଳି ଦୋଳଯାତ୍ରା ଆନନ୍ଦ ଉଲ୍ଲାସରେ ପାଳିତ ହୁଏ । ଦୋଳ ପର୍ବ ସାଧାରଣତଃ ଦୁଇ ଭାଗରେ ବିଭକ୍ତ ହୋଇଥାଏ । ଫଗୁ ଦଶମୀଠାରୁ ପୂର୍ଣ୍ଣମୀ ଯାଏ ଏହାକୁ ‘ରାଜଦୋଳ’ କୁହନ୍ତି । ଏଥିରେ ଠାକୁର ଦ୍ୱାରକୁ ଦ୍ୱାର ବିମାନରେ ଆସି ଚାଚେରି ଭୋଗ ଖାଇଥାନ୍ତି । ଗୃହକର୍ତ୍ତାଙ୍କ ଦ୍ୱାରରେ ନିର୍ମିତ ଅସ୍ଥାୟୀ ବେଦିରେ ପାହାଡ଼ା ଗାମୁଛା ପକାଇ ଠାକୁର ବିମାନରେ ବସନ୍ତି । ବଡ଼ବଡ଼ ବାଉଁଶ ଡାଲାରେ ଉଖୁଡ଼ା, ମୁଆଁ, ଚୁଡ଼ାପୁଆ, ଚୁଡ଼ାଘସା, ଦହି, ଚଣା, ମୁଗଗଜା, ଶାକର ଆଦି ମିଠା, ପାଚିଲା କଦଳୀ ଆଦି ବିଭିନ୍ନ ଭୋଗ ହୁଏ । ନାମ ସଂକୀର୍ତ୍ତନ ଏବଂ ବିବିଧ ବାଦ୍ୟରେ ଠାକୁରଙ୍କୁ ସ୍ୱାଗତ କରାଯାଏ । ବିଭିନ୍ନ ଅବିର ଫଗୁ ଲଗାଇ ଦୋଳର ଅଭିନନ୍ଦନ ଜଣାଇଥାନ୍ତି । ଦୋଳ ପୂର୍ଣ୍ଣମୀର ପର ଦିନ ପାଳନ ହୁଏ ରଙ୍ଗର ପରବ ହୋଲି । ରଙ୍ଗ ଅବିର ବୋଳାବୋଳି ହୋଇ ନୃତ୍ୟଗୀତରେ ମଜି ପରସ୍ପରକୁ ଅଭିନନ୍ଦନ ଜଣାଇଥାନ୍ତି ।

## ପଞ୍ଚୁ ଦୋଳ ମେଳଣ

ଫଗୁଣ ପୂର୍ଣ୍ଣମୀ ପରେ ଅତଏବ ଚୈତ୍ର କୃଷ୍ଣ ପଞ୍ଚମୀଠାରୁ ଆରମ୍ଭ ହୁଏ ପଞ୍ଚୁଦୋଳ । ଅଞ୍ଚଳର ପ୍ରାୟ ଠାକୁର ବିମାନରେ ଆସି ଏକ ଖୋଲା ପଡ଼ିଆରେ ବିରାଜମାନ କରି ଦର୍ଶନ ଦିଅନ୍ତି । ପ୍ରତି ଠାକୁରଙ୍କ ପାଇଁ ସ୍ୱତନ୍ତ୍ର ପିଣ୍ଡି ନିର୍ମାଣ କରାଯାଇଥାଏ । ଠାକୁରଙ୍କର ଏହି ମେଳଣ କେତେକ ସ୍ଥାନରେ ଦିନେ ଦୁଇଦିନ ଧରି ଚାଲେ । କେତେକ ସ୍ଥାନରେ ସପ୍ତଦୋଳ ଦଶଦୋଳ ଆଦି ପାଳିତ ହୁଏ । ମେଳନ ବା ମେଳଣ କହିଲେ ଏକ ପଡ଼ିଆରେ ଅନେକ ଠାକୁର ଅବା ଦେବ ପ୍ରତିମାଙ୍କ ମେଳଣର ଉତ୍ସବକୁ ଖାଲି ବୁଝିବା ଠିକ୍ ହେବ ନାହିଁ । କେବଳ ଠାକୁରଙ୍କ ମେଳଣ ଅବା ଧାର୍ମିକ ମେଳଣ ସହିତ ସାମାଜିକ, ସଂସ୍କୃତିକ, ବାଣିଜ୍ୟିକ ମେଳଣ ହୁଏ । ଅନେକ ବିପଣି ପଡ଼େ । କୃଷିଜାତ ସାମଗ୍ରୀର କିଣାବିକା ହୁଏ । ଗ୍ରାମାଞ୍ଚଳରେ ହସ୍ତ ଶିଳ୍ପଜାତ ଘର କରଣା ସାମଗ୍ରୀର ଦୋକାନ ପସରା ପଡେ । ଏଥି ପାଇଁ ଗହଳି ହୁଏ । ପାରମ୍ପରିକ ଲୋକକଳାର ପ୍ରଦର୍ଶନ ପାଇଁ ଅପୂର୍ବ ସୁଯୋଗ ପଞ୍ଚୁଦୋଳ ପର୍ବ । ଠାକୁରଙ୍କ ବିମାନ ଆଗମନରେ ଅନୁଷ୍ଠିତ ହୁଏ ସାହିଯାତ ଶୋଭାଯାତ୍ରା । ନାଗାମେଢ଼, ଦୁର୍ଗା ମେଢ଼, ପାଇକ ନୃତ୍ୟ, ବୀରବାଦ୍ୟ ଆଦି ପ୍ରଦର୍ଶିତ ହୁଏ । ମେଳନ ପଡ଼ିଆରେ ପାଲା, ଘୋଡ଼ାନାଚ, ଧୂଡ଼ିକି ନାଚ, ରାମ ନାଟକ, କୃଷ୍ଣ ଲୀଳା, ଭାରତ ଲୀଳା ଆଦି ପ୍ରଦର୍ଶିତ ହୁଏ । କୃଷି କର୍ମରେ ବିରାମ ପାଉନଥିବା କୃଷକ ଆମୋଦ ଆଳାପ ପାଇଁ ବିରତି ପାଏ ।

ଚଳିତ ବର୍ଷ ଦୋଳ ପର୍ବ ଆଗମନରେ ଚଳଚଞ୍ଚଳ ହୋଇ-ଉଠିଥିଲା ପଲ୍ଲୀଠୁ ନଗରର ପରିବେଶ । ବସନ୍ତର ଆଗମନରେ ବହିଲା ଶୀତଳ ଅମ୍ଳଜାନ ସିକ୍ତ ସମୀର ତରୁଲତାରେ ଆସିଗଲା ନବକିଶଳୟ ସବୁଜିମାରେ ଘୋଡ଼ାଇ ଦେଲା ଧରିତ୍ରୀମାତାକୁ । ପ୍ରତି ବୃକ୍ଷଲତାରେ ଦୃଶ୍ୟମାନ ହେଲା କଢ଼ କୁସୁମ ସମ୍ଭାର । ଆମ୍ର ପାଦପରେ କଷି ଆମ୍ବ ପେଣ୍ଠା ପେଣ୍ଠା ହୋଇ ଝୁଲି ବାତ ପ୍ରବାହରେ ଦୋଳାୟମାନ ହେବାବେଳେ ପ୍ରକୃତି ନବରୂପ ଧାରଣ କରିବା କାହାର ସ୍ୱାଗତରେ ରହିଲା । ଏହି ସମୟରେ ଆସିଗଲା ଦୋଳ ପର୍ବ । ମେଳଣର ପର୍ବ । ଘଣ୍ଟ, ଘଣ୍ଟି, ମାଦଳ ସଂକୀର୍ତ୍ତନ ଆଦି ବାଦ୍ୟରେ କମ୍ପିଲା ଗାଆଁ ଦାଣ୍ଡ । ମୁଆଁ ଉଖୁଡ଼ା ଖଇ ଆଦି ବାସ୍ନାରେ ମହକିଲା ଚତୁପାର୍ଶ୍ୱ । ଫଗୁ ଅବିର ରଙ୍ଗ ବୋଳା ମୁଖମଣ୍ଡଳରେ ଶାନ୍ତି ଆହ୍ଲାଦର ଚିହ୍ନ । ପ୍ରକୃତି ପରିବେଶ ସହିତ ମାନବ ନବ ଉଚ୍ଛ୍ୱାସରେ ଆହ୍ଲାଦିତ ହେଲା ।

### ଐତିହ୍ୟ ମାଟି ମାଲୁଦ

ମାଲୁଦ କହିଲେ ଚିଲିକା ନିକଟସ୍ଥ ଏକ ବାଲୁକାମୟ ପ୍ରଦେଶ । (A sandy tact along the Chilika lake of Puri District.) ଓଡ଼ିଶା ଇତିହାସରେ ମାଲୁଦର ବହୁ ବିତର୍କିତ ଉଲ୍ଲେଖ ରହିଅଛି । ମାଲୁଦ ସବୁବେଳେ ଦୂରଦର୍ଶୀ ଚିନ୍ତନ କରି ପରିସ୍ଥିତିକୁ ନେଇ ଆଗକୁ ବଢ଼ିଛି । ତେବେ ବାସ୍ତବରେ ଏହା ଏକ ବୀର ପାଇକଙ୍କ ବାସଭୂମି । ମାଲୁଦର ଅନେକ କୁଦ ନିକାଞ୍ଚନ ଗମନାଗମନ ପାଇଁ ଦୁର୍ଗମ ଅଞ୍ଚଳ । ଛେକା, ଗରିଲା ପାଇକମାନେ ଏଠାରେ ବସବାସ କରନ୍ତି । ଏମାନେ ଆବଶ୍ୟକ ବେଳେ ଆକ୍ରମଣକରି ପ୍ରତିପକ୍ଷଙ୍କୁ ଅସ୍ତବ୍ୟସ୍ତ କରନ୍ତି । ପରେ ଏହି କୁଦ ବା ଦ୍ୱୀପାଞ୍ଚଳରେ ଲୁଚି ଯାଆନ୍ତି । ମାଛ ମାଂସ ଭାତ ଖାଇ ଦୁର୍ଗମ ଚିଲିକାର ବିଚ୍ଛିନ୍ନାଞ୍ଚଳ କୁଦରେ ରହିଯାଆନ୍ତି । ବୀର ପାଇକମାନଙ୍କ ମାଟି ମାଲୁଦ ବୀରତ୍ୱ ଏବଂ ଜ୍ଞାନ ଦେବାରେ ଆଗରେ ରହିଛି ।



## ମାଲୁଦ ମେଳଣରେ ଶ୍ରୀଜଗନ୍ନାଥ

ଚଳିତ ମାର୍ଚ୍ଚ ମାସ ଦ୍ୱିତୀୟ ସପ୍ତାହରେ ସୋସିଆଲ୍ ମିଡିଆରେ ଭରି ହୋଇଗଲା ମାଲୁଦ ମେଳଣର ରମଣୀୟ ବର୍ଣ୍ଣାଢ୍ୟ ଦୃଶ୍ୟ। ମରାଳ ମାଳିନୀ ନୀଳାମ୍ବୁ ଚିଲିକାର ସଲିଳ ମଧ୍ୟରେ ଠାକୁରମାନେ କ୍ରମରେ ମେଳଣ ପଦାକୁ ଆସିବାର ଚିତ୍ରପଟ ସକଳଙ୍କୁ ମୋହିତ କଲା। ତାଳତଳା କୁଦର ଏକ ମେଢ଼ରେ ଶ୍ରୀଜଗନ୍ନାଥଙ୍କ କଳାତ୍ମକ ଚିତ୍ର ଆଖି ଝଲସାଇ ଦେଉଥିଲା। ଉକ୍ତ ମେଢ଼ରେ ଓଡ଼ିଆ ଜାତିର ଆରାଧ୍ୟ ଇଷ୍ଟ ଠାକୁର ଶ୍ରୀଜଗନ୍ନାଥଙ୍କର କଳା ଶ୍ରୀମୁଖକୁ ଏପରି କଳାତ୍ମକ ଭାବରେ ଉପସ୍ଥାପନ କରାଯାଇଥିଲା ଚିଲିକାର ଜଳରେ ସତେ ଯେପରି ଜଗନ୍ନାଥ ଆସୁଛନ୍ତି। ଚିଲିକା ଜଳରେ ଶ୍ରୀଜଗନ୍ନାଥଙ୍କୁ ଦେଖି ସ୍ୱତଃ ମନକୁ ଆସିଯାଉଥିଲା ଚିଲିକା ସହିତ ଶ୍ରୀଜଗନ୍ନାଥଙ୍କ ଭାବଗତ ସଂପର୍କ। ବିଭିନ୍ନ ସାହିତ୍ୟରେ ରଚନାରେ ଶ୍ରୀଜଗନ୍ନାଥଙ୍କ ସଂପର୍କ ଚିଲିକାରେ ଆଧ୍ୟାତ୍ମିକତା ପ୍ରସ୍ଫୁଟିତ ହୁଏ।

## ଚିଲିକା ଓ ଆଧ୍ୟାତ୍ମିକତା

ଆଦିକବି ସାରଳା ଦାସଙ୍କ 'ମହାଭାରତ'ର 'ବନପର୍ବ'ରେ ଚିଲିକାର ସୃଷ୍ଟି ଉପଖ୍ୟାନରେ ଚିଲିକାର ଉତ୍ପତ୍ତି କିପରି ହେଲା ସେ ସଂପର୍କରେ ବିସ୍ତୃତ ବର୍ଣ୍ଣନା କରାଯାଇଛି। ଚିଲିକା ସହିତ ଧର୍ମ ଆଧ୍ୟାତ୍ମିକତା ଯୋଡ଼ି ହୋଇ ରହିଛି।

"ମାତାର ବଚନସେ ଯେ ହୃଦେ ଧରିଥିଲା
ମହାକୋପକାଳେ ସେ ଛାମୁରେ ପଡ଼ିଲା।
ନଗ୍ର ନାଶକଲା ଆବର ତାଳେକ ଗଭୀର
ମୃତକା ସହିତ ଉଡ଼ି ପଡ଼ିଲା ସାହେର ଭିତର।
କହନ୍ତି ଅଗସ୍ତି ପଣ୍ଡିତ ମହାବୁଦ୍ଧି
ସେହି ସ୍ଥାନେ ଚିଲିକା ହୋଇଲାଟି ଦକ୍ଷିଣ ମଉଦଧି।"
(ବନପର୍ବ ମହାଭାରତ)

୧୮୯୧ ମସିହାରେ କବିବର ରାଧାନାଥ ରାୟ 'ଚିଲିକା' କାବ୍ୟ ରଚନା କଲେ। କବିବର ଚିଲିକା ସହିତ ଇତିହାସ, ପୁରାଣ, ଧର୍ମ, ଆଧ୍ୟାତ୍ମିକତା ସହିତ ଓଡ଼ିଆ ଅସ୍ମିତାକୁ ସଂଯୋଗ କରିଛନ୍ତି। ଚିଲିକାକୁ ଭାରତ ତଥା ଆନ୍ତର୍ଜାତିକ ପୃଷ୍ଠଭୂମିରେ ସୌନ୍ଦର୍ଯ୍ୟମୟ ପ୍ରାକୃତିକ ବିବିଧତା ଭରା ହ୍ରଦ ଭାବରେ ରାଧାନାଥ ଉପସ୍ଥାପନ କରିଛନ୍ତି।

ଉତ୍କଳ କମଳା ବିଳାସ ଦୀର୍ଘିକା
ମରାଳ ମାଳିନୀ ନୀଳାମ୍ବୁ ଚିଲିକ।
X X X
ସୁନ୍ଦର ତୃପ୍ତିର ଅବସାଦ ନାହିଁ
ଯେତେ ଦେଖୁଥିଲେ ନୂଆ ଦିଶୁଥାଇ।

ଏହି ପରମ୍ପରାକୁ ଆହୁରି ଟିକେ ଆଗକୁ ନେଇଛନ୍ତି ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସ। ସେ 'ରେଳ ଉପରେ ଚିଲିକା ଦର୍ଶନ' ଲେଖିଲା ପରେ ଅନୁଭବ ହୋଇଛି ଚିଲିକା କେବଳ ଏକ ହ୍ରଦ ନୁହେଁ କିମ୍ବା ପ୍ରାକୃତିକ ସୌନ୍ଦର୍ଯ୍ୟ ସହିତ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହ୍ୟ, ଅସ୍ମିତା ସହିତ ଗଭୀର ଭାବରେ ଜଡ଼ିତ। ସେହିପରି ଗୋଦାବରୀଶ ମିଶ୍ର 'କାଳିଜାଈ' କବିତାରେ ଅନୁପମ ଉପସ୍ଥାପନ କରିଛନ୍ତି। ଲୋକଙ୍କ ତୁଣ୍ଡରେ ବଞ୍ଚି ରହିବା ସହିତ ଚିଲିକା କୂଳର ଅନେକ ପରମ୍ପରାକୁ ଉପସ୍ଥାପନ କରୁଛି। ପରେ ପରେ ମାୟାଧର ମାନସିଂହ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ବଂଶୀଧର ସାମନ୍ତରାୟ, ଅରକ୍ଷିତ ପ୍ରଧାନ, ହରିହର ମିଶ୍ର, ଲକ୍ଷ୍ମୀଧର ଜେନା, ମନୋଜ ଦାସ ଆଦି କବିମାନେ ଚିଲିକାକୁ ନେଇ ହୃଦୟସ୍ପର୍ଶୀ ରଚନା ଲେଖିଛନ୍ତି।

## ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଚିଲିକା

ଓଡ଼ିଆ କବିମାନଙ୍କ କବିତାକୁ ବିଶ୍ଳେଷଣ କଲେ ଜଣାଯାଏ ଯେ, ଚିଲିକା କେବଳ ନାମ ନୁହଁ, ଚିଲିକା ଓଡ଼ିଆ ଅସ୍ମିତା ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ଐତିହ୍ୟର ସବୁଜ ସ୍ୱାକ୍ଷର, ଇତିହାସର ଗନ୍ତାଘର। ଚିଲିକା ଆମଭଳି ଉପକୂଳବାସୀଙ୍କ ପାଇଁ ବୃତ୍ତି, କୁଟୁମ୍ବ, ପେଟପାଟଣାର ମୂକସାକ୍ଷୀ। ଚିଲିକା ଉପକୂଳବାସୀଙ୍କ ପାଇଁ ହ୍ରଦ ହୋଇ ନପାରେ, ଏକ ପର୍ଯ୍ୟଟନସ୍ଥଳ ହୋଇନପାରେ। ଚିଲିକା ହେଉଛି ତାଙ୍କର ଭାତହାଣ୍ଡି, ଚିଲିକା ଆମର ଆରାଧ୍ୟ ଇଷ୍ଟ ଶ୍ରୀଜଗନ୍ନାଥଙ୍କ ଗୁପ୍ତ ଲୀଳାକ୍ଷେତ୍ର ସାକ୍ଷାତ ଲକ୍ଷ୍ମୀ ଠାକୁରାଣୀ ସ୍ୱରୂପା, କବି ସାହିତ୍ୟିକମାନଙ୍କ ପାଇଁ ସାକ୍ଷାତ ନୀଳ ସରସ୍ୱତୀ। ଚିଲିକା ଜଳରେ ଆଧ୍ୟାତ୍ମିକତା ସହିତ ଶ୍ରୀଜଗନ୍ନାଥ ଲୀଳାର ସ୍ମୃତି ବିଜଡ଼ିତ। ମାଲୁଦ, ଚିଲିକା ଓ ଶ୍ରୀଜଗନ୍ନାଥ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ।

ଶ୍ରୀମନ୍ଦିର ପୁରୋହିତ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ସିଦ୍ଧେଶ୍ୱର ମହାପାତ୍ରଙ୍କ 'ନୀଳ ପାହାଡ଼ର ଡାକ' ପୁସ୍ତକରେ ବର୍ଣ୍ଣନା ରହିଛି : - "ବଡ଼ଦାଣ୍ଡ ମହାପ୍ରଭୁଙ୍କ ଏକମାତ୍ର ବିଜେ ଦାଣ୍ଡ ନୁହେଁ। ପୁରୀରୁ ବ୍ରହ୍ମଗିରି ଦେଇ ଚିଲିକା କୃଷ୍ଣପ୍ରସାଦ ପଥ ମଧ୍ୟ ପବିତ୍ର ବିଜେ ଦାଣ୍ଡ। ତେବେ ଏଇ ଦୁଇ ଦାଣ୍ଡ ମଧ୍ୟରେ ପ୍ରାର୍ଥକ୍ୟ ଅନେକ। ଗୋଟିଏ ଦାଣ୍ଡରେ ମହାପ୍ରଭୁ ବିଜେ କରୁଥିବା ବେଳେ ଅନ୍ୟଟିରେ ଅନ୍ଧାରି ବିଜେ କରୁଥିଲେ। ଗୋଟିଏ ଗହଳଚହଳ ଆନନ୍ଦଉଲ୍ଲାସର ଦାଣ୍ଡ ତ ଅନ୍ୟଟି ଅଶ୍ରୁ ଦୀର୍ଘଶ୍ୱାସର ଦାଣ୍ଡ।"

ଚିଲିକାକୁ ବିହାର କରିବାକୁ ଠାକୁର ବହୁବାର ଆସିଛନ୍ତି। ସେହିପରି ନରେନ୍ଦ୍ର ପୁଷ୍କରିଣୀ ମଧ୍ୟ ଠାକୁରଙ୍କ ଏକମାତ୍ର କେଳିସର ନୁହଁ। ଚାପ ସମୟରେ ସେଠାକୁ ଠାକୁର ଲୀଳା କରିବାକୁ ଆସନ୍ତି। ସେହିପରି ଠାକୁରଙ୍କ ଅନ୍ୟତମ କେଳିସର ହେଉଛି ଚିଲିକା। ଶ୍ରୀମନ୍ଦିରରେ ଠାକୁରଙ୍କ ମନ ଭଲ ନଲାଗିଲେ ଅବା ଚିଲିକା ପ୍ରେୟସୀଙ୍କ କଥା ମନେ ପଡ଼ିଲେ ଠାକୁର ଗୁପ୍ତଲୀଳାର ବାହାନା କରି ଚିଲିକା ଆସନ୍ତି। ଲାବଣ୍ୟମୟୀ ଚିଲିକାରେ ଲୀଳା କରି ଠାକୁର ଖୁସି ହୋଇଥାନ୍ତି।

## ଚିଲିକା ଜଳରେ କାହିଁକି ଶୋଭାଯାତ୍ରା

ଅନେକ ସୋସିଆଲ୍ ମିଡିଆରେ ସମାଲୋଚନା କରିଥିଲେ ମାଲୁଦ ଅଞ୍ଚଳରେ ରାସ୍ତାଘାଟ ହୋଇନାହିଁ ବୋଲି। ପଛୁଆ ଅଞ୍ଚଳ। ମାତ୍ର ଏହା ଠିକ୍ ନୁହଁ। ପୂର୍ବାପେକ୍ଷା ମାଲୁଦ ଏକ ପ୍ରଗତିଶୀଳ ଅଞ୍ଚଳ। ଗମନାଗମନର ପ୍ରଗତି ହୋଇଛି। ରାସ୍ତାଘାଟର ଅସୁବିଧା ନାହିଁ। ହେଲେ ଜଳରେ ଆସିବାର କାରଣ ହେଉଛି ପରମ୍ପରା। ଠାକୁର ଚତୁର୍ଦ୍ଧା ବିଗ୍ରହ ଢଙ୍ଗାରେ ଲୀଳା କରିଥିଲେ। ପୂର୍ବରୁ ଯେତେବେଳେ ସ୍ଥଳଭାଗର ବିକଶିତ ନହୋଇନଥିଲା ସେତେବେଳେ ସେତେବେଳେ ଜଳପଥରେ ଠାକୁର ଆସୁଥିଲେ। ପରମ୍ପରା, ଐତିହ୍ୟର ଅନୁପାଳନ କରି ଠାକୁର ଏଠାକୁ ଜଳପଥରେ ଥିବା ଅଗଭୀର ଚଲାବାଟ ଦେଇ ଆସିଥାନ୍ତି।



## ୨୪ ମୌଜା, ୨୩ ଠାକୁର

ମାଲୁଦ ନେତୃତ୍ୱରେ ଏଠାରେ ୨୪ ମୌଜାର ଗ୍ରାମର ବାସିନ୍ଦା ମେଳଣରେ ସକ୍ରିୟ ଯୋଗଦାନ ଦେଇଥାନ୍ତି। ପୁରୀ ଜିଲ୍ଲା ପରେ ଗଞ୍ଜାମ ଜିଲ୍ଲା ପ୍ରୟାଗୀର ଠାକୁର ଅତିଥି ଭାବରେ ଉକ୍ତ ମେଳଣରେ ଯୋଗ ଦେଇଥାନ୍ତି। ପ୍ରଥମେ କନ୍ଧାଖାଇ ସନ୍ନିକଟ ଏକ ମେଳଣ କୁଦାରେ ୧୫ ମୌଜାର ଠାକୁର ଏକତ୍ରିତ ହୋଇଥାନ୍ତି। ଯଦି କେଉଁ ଗ୍ରାମର ଠାକୁର ଆସିନଥାନ୍ତି ସେ ଗ୍ରାମକୁ ଡକାଇ ଏକତ୍ରିତ ହୋଇଥାନ୍ତି। ଏକତ୍ରିତ ହେଲା ପରେ ସେଠାରୁ ଚିଲିକା ମଧ୍ୟରେ ଜଳ ଦେଇ ଶୋଭାଯାତ୍ରାରେ ପଞ୍ଚୁଦୋଳ ମେଳଣ ପଡ଼ିଆକୁ ବିଜେ କରନ୍ତି। ଖରାଦିନ ହେତୁ ପାଣି କମ୍ ଥାଏ। ପାଣିରେ ଆସିବା ବେଳେ ହଜାର ହଜାର ଦର୍ଶକ ଚତୁଃପାର୍ଶ୍ୱରେ ରହି ଦର୍ଶନ କରିଥାନ୍ତି। ବାଦ୍ୟ ସଂକୀର୍ତ୍ତନରେ ପ୍ରକମ୍ପିତ ହୁଏ ଚିଲିକା ପରିବେଶ। ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମ ତଥା ଟିଭି ପରଦାରେ ଏହି ଦୃଶ୍ୟ ଦେଖି ବିମୋହିତ ହୁଅନ୍ତି ଦର୍ଶକ। ଶ୍ରଦ୍ଧାଳୁଙ୍କ ମନେ ପଡ଼ିଯାଏ ପୂର୍ବ ଐତିହ୍ୟ ଗାଥା। ସତେ ଯେପରି ତାଙ୍କର ପ୍ରାଣର ଠାକୁର ଶ୍ରୀଜଗନ୍ନାଥ ଚିଲିକା ଜଳରେ ଲୀଳା କରି ଆସୁଛନ୍ତି। ଏହି ମେଳଣରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ପ୍ରତି ଗାଁ ଅତିକମ୍‌ରେ ଗୋଟିଏ ବା ଅଧିକ ସାଂସ୍କୃତିକ ଦଳ ଆଣିଥାନ୍ତି। ଏବେ ସେ ପ୍ରଥା ବଦଳିଛି। ୨୪ ମୌଜାର ପ୍ରତିଘର କିଛି ପରିମାଣର ଅର୍ଥ ଆଦାୟ ହୋଇଥାଏ। ଏହି ମେଳଣର ଯାବତୀୟ ଖର୍ଚ୍ଚ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ମେଳଣ ପରିଚାଳନା ପାଇଁ ୨୪ ମୌଜାର ଏକ କମିଟି ରହିଛି। କମିଟି ଦୁଇବର୍ଷରେ ଥରେ ବଦଳେ। ଚଳିତ ବର୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ, ଉଲ୍ଲାସ ଜେନା, ରାମ ବଇରୀ ଗଞ୍ଜନ, ପ୍ରବୀର ଦାସ ପ୍ରମୁଖ ମୁଖ୍ୟ ପରିଚାଳନାରେ ଥିଲେ। ବର୍ତ୍ତମାନ ୨୪ଟି ମୌଜାରୁ ୨୩ ଠାକୁର ମାଲୁଦ ମେଳଣରେ ଏକତ୍ରିତ ହେଉଛନ୍ତି। ସତରେ ଚିଲିକାର ନୀଳ ଜଳରାଶିରେ ଠାକୁରଙ୍କ ବିମାନ ଶୋଭାଯାତ୍ରା ଅତ୍ୟନ୍ତ ଆକର୍ଷଣୀୟ। ଗୋଟିଏ ପଟେ ଠାକୁରଙ୍କ ପ୍ରତି ଭକ୍ତିଭାବନା, ଅନ୍ୟପଟେ ସୌନ୍ଦର୍ଯ୍ୟମୟୀ ଚିଲିକାର ଅପୂର୍ବ ଶୋଭା ଭକ୍ତିମାନଙ୍କ ହୃଦୟକୁ ଆହ୍ଲାଦିତ କରିଥାଏ। ଅନ୍ୟ ପଞ୍ଚଦୋଳ ମେଳଣଠାରୁ ନିଆରା ମାଲୁଦ ଦୋଳ ମେଳଣ। ଅନନ୍ୟ ଏହାର ଐତିହ୍ୟ ଓ ପରମ୍ପରା। ■

ସଭାପତି, ବ୍ରହ୍ମଗିରି ଐତିହ୍ୟ ପରିଷଦ
ବ୍ରହ୍ମଗିରି, ପୁରୀ, ମୋ: ୯୯୩୭୫୭୬୧୬୮




# ମାଲୁଦ ପଞ୍ଚଦୋଳ ଭାଇଚାରାର ପ୍ରତୀକ

**ପରିବର୍ତ୍ତନଶୀଳ ଦୁନିଆରେ କୌଣସି ଜିନିଷ ସ୍ଥାୟୀ ନୁହେଁ । ସମୟ କ୍ରମେ ପ୍ରତ୍ୟେକ ଜିନିଷର ବା ଘଟଣାର ପରିବର୍ତ୍ତନ ହୋଇଥାଏ । ତେଣୁ ସାମାଜିକ ପ୍ରାଣୀ ଭାବେ ଏହା ଆମକୁ ଅସ୍ୱୀକାର କରିବାକୁ ପଡ଼ିବ । ଯେଉଁଭଳି କାହିଁ କେଉଁ ଆବାହନମାନ କାଳରୁ (ପ୍ରାଚୀନ କାଳରୁ) ମାଲୁଦଠାରେ ୨୪ ମୌଜା ତରଫରୁ ପଞ୍ଚଦୋଳ - ଯାତ୍ରା ଅନୁଷ୍ଠିତ ହୋଇ ଆସୁଅଛି । ପ୍ରତ୍ୟେକ ବର୍ଷର ଫାଲଗୁନ ମାସର ୫ ଦିନ ପରେ ବା ଦୋଳ ପୂର୍ଣ୍ଣିମାର ପଞ୍ଚମୀ ତିଥିରେ ଆୟୋଜିତ ହେଉଥିବାରୁ ଏହାର ନାମ 'ପଞ୍ଚଦୋଳ ଯାତ୍ରା' ଭାବେ ବର୍ଣ୍ଣନା କରାଯାଇଛି । ଏହି ଯାତ୍ରାର ଅନ୍ୟ ନାମ 'ଠିଆ ପଞ୍ଚଦୋଳ' ବୋଲି କେତେକ ବିଦ୍ରୋହୀ ବିଦ୍ରୁପ କରିଥାନ୍ତି । ସେ ଯାହା ହେଉ ଠିଆ ପଞ୍ଚଦୋଳ କହିବା ପଛରେ ଗୋଟିଏ କାରଣ ଥାଇପାରେ ବୋଲି ମୁଁ ଅନୁମାନ କରେ- ଯାହାକି ପୂର୍ବରୁ ଏହି ପଞ୍ଚଦୋଳ ପଡ଼ିଆ ଆକାରରେ ବହୁତ ଛୋଟ (କ୍ଷୁଦ୍ର) ଥିଲା । ବହୁ ଲୋକ ସମାବେଶ ଓ ସାଂସ୍କୃତିକ କାର୍ଯ୍ୟ ପାଇଁ ଏହା ଯଥେଷ୍ଟ ନ ଥିଲା । ଫଳରେ ଲୋକମାନେ ଶାନ୍ତିରେ ଏକାଠି ବସି ଯାତ୍ରା ଦେଖିବା ସମ୍ଭବ ନ ଥିଲା । ତେଣୁ ବାଧ ହୋଇ ଲୋକମାନେ ( ଦର୍ଶକମାନେ) ଠିଆ ହୋଇ ଯାତ୍ରା ଉପଭୋଗ କରୁଥିବାର ମନେ ହୁଏ । ଯେଉଁଥିପାଇଁ ୨୪ ମୌଜା ବାହାରୁ ଆସୁଥିବା ଦର୍ଶକ ଉପହାସ କରି ଠିଆ ପଞ୍ଚଦୋଳ ବୋଲି ସମାଲୋଚନା କରିଥାଇ ପାରନ୍ତି ।**



ଅଧ୍ୟାପକ ବସନ୍ତ କୁମାର ନାୟକ

ଆରମ୍ଭରୁ ୨୦୧୨ ମସିହା ପର୍ଯ୍ୟନ୍ତ ଏହି ଯାତ୍ରା ଗୋଟିଏ ଦିନ ପାଇଁ ଅନୁଷ୍ଠିତ ହେଉଥିଲା । ଏହି ଦିନରେ ପାଇକ ଆଖଡ଼ା ପ୍ରତିଯୋଗିତା ଦିନବେଳା ପରିବେଷଣ କରାଯାଉଥିଲା । ରାତିରେ ବିଭିନ୍ନ ଗ୍ରାମରୁ ଆସିଥିବା ପାଲା, ସଂଗୀତ, ଦାସକାଠିଆ, ଘୁଡ଼ିକି ନାଚ, ରାମ ନାଟକ, ପ୍ରହଲ୍ଲାଦ ନାଟକ, କୃଷ୍ଣ ଲୀଳା ଓ ରାଧା ପ୍ରେମ ଲୀଳା ଆଦି ନିଜ ନିଜ ଠାକୁରଙ୍କ ମଣ୍ଡପ ସମ୍ମୁଖରେ ପ୍ରଦର୍ଶନ କରାଯାଉ ଥିଲା । ଯଦି କୌଣସି ଗ୍ରାମବାସୀ ବିନା ଯାତ୍ରାରେ ପଞ୍ଚ ଦୋଳକୁ ଠାକୁର ଆଣିଛନ୍ତି ବୋଲି ଦୃଷ୍ଟିଗୋଚର ହୁଏ, ତେବେ ସେହି ଗ୍ରାମବାସୀ ୨୪ ମୌଜା ତରଫରୁ ନିର୍ଦ୍ଧାରିତ ଜରିମାନା (ଫାଇନ) ଦେବାକୁ ବାଧ ହେଉଥିଲେ । ତତ୍‌ସହିତ ସଦର ପରୀକ୍ଷାରେ କୌଣସି ଗ୍ରାମବାସୀ ଅନୁପସ୍ଥିତ ରହିଲେ ମଧ୍ୟ ଜରିମାନା ଦେବାକୁ ହୁଏ । ଯାତ୍ରା ପରଦିନ ଠାକୁରମାନଙ୍କୁ ମେଳନ କରାଇ ନିଜ ନିଜ ଗ୍ରାମକୁ ଆନନ୍ଦରେ ଫେରି ଥାଆନ୍ତି । ଯଦି କେତେବେଳେ କେହି ବିଶୃଙ୍ଖଳା କରନ୍ତି ୨୪ ମୌଜାର ଭଦ୍ରଲୋକଙ୍କ ସମେତ ୨୪ ମୌଜା ମାର୍ଫତ ବାମଦେବ ପଟ୍ଟନାୟକଙ୍କ ଦ୍ୱାରା ଉଚିତ ନ୍ୟାୟ ପ୍ରଦାନ କରାଯାଇ ସମସ୍ୟା ସମାଧାନ କରାଯାଉଥିଲା ।



## ଯାତ୍ରାରେ ପରିବର୍ତ୍ତନ

ପରବର୍ତ୍ତୀ ସମୟରେ ୩୫ ମୌଜା ପଣା ଯାତ୍ରାକୁ ଅନୁକରଣ ୨୪ ମୌଜା ପଞ୍ଚଦୋଳ ଯାତ୍ରାକୁ ପରିବର୍ତ୍ତନ ପାଇଁ ପ୍ରତ୍ୟେକ ଗ୍ରାମରୁ ସ୍ୱର ଉଠିଥିଲା । ଏହାର ନେତୃତ୍ୱ ନେଇଥିଲେ ଉଦୟଗିରି ଗ୍ରାମର ଜଣେ ଅବସରପ୍ରାପ୍ତ ଶିକ୍ଷକ ବ୍ରଜବନ୍ଧୁ ଗୌଡ଼ । ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରଥମ ପର୍ଯ୍ୟାୟରେ ୨୪ ମୌଜା ଅନ୍ତର୍ଗତ ୩୫ଟି ପଡ଼ା ଓ ରାଜସ୍ୱ ଗ୍ରାମର ବହୁ ଯୁବକ ଆଗେଇ ଆସିଥିଲେ ।

'ପଞ୍ଚାୟତ ହାଇସ୍କୁଲ' ବ୍ରଜକୋଟଠାରେ ୪ ପଞ୍ଚାୟତର ଯୁବକମାନଙ୍କୁ ନେଇ ପ୍ରଥମ ବୈଠକ ୨୦୧୧ ମସିହା ଅଗଷ୍ଟ ମାସରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରତ୍ୟେକ ଗ୍ରାମର ବହୁ ଯୁବକ ଏକାଠି ହୋଇ ପାରମ୍ପରିକ ପଞ୍ଚଦୋଳ ଯାତ୍ରାର ପରିବର୍ତ୍ତନ କରାଯାଇ 'ଅପଡେଟ୍ ପଞ୍ଚଦୋଳ ଯାତ୍ରା' ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ନିଆଗଲା । ଏହି ନିଷ୍ପତ୍ତି କ୍ରମେ ୪ ପଞ୍ଚାୟତର ପ୍ରତ୍ୟେକ ଗ୍ରାମକୁ ଯାଇ ସମୁଦ୍ର ଗ୍ରାମବାସୀ ତଥା ବୟୋଜ୍ୟେଷ୍ଠମାନଙ୍କ ମତାମତ ଓ ସହଯୋଗ ଲୋଡ଼ିବା ପାଇଁ ଆବାହକମାନଙ୍କୁ ଦାୟିତ୍ୱ ଦିଆଗଲା । ସମୟ କ୍ରମେ ୨୪ ମୌଜା ଅନ୍ତର୍ଗତ ୩୫ଟି ପଡ଼ା ଓ ରାଜସ୍ୱ ଗ୍ରାମର ସମୂହ ଗ୍ରାମବାସୀ, ଭଦ୍ରବ୍ୟକ୍ତି, ବୟୋଜ୍ୟେଷ୍ଠ ଓ ଯୁବକମାନଙ୍କ ସହଯୋଗ ବଳରେ ୨୦୧୨ ମସିହାଠାରୁ ପାରମ୍ପରିକ ଗୋଟିଏ ଦିନର ପଞ୍ଚଦୋଳ ଯାତ୍ରା ପରିବର୍ତ୍ତନ କରାଯାଇ 'ଅପଡେଟ୍ ମାଲୁଦ ପଞ୍ଚୁଦୋଳ ଯାତ୍ରା' ଅନୁଷ୍ଠିତ ହୋଇଆସୁଛି । ଏହି ଯାତ୍ରାର ଅଂଶୀଦାର ୩୫ଟି ଗ୍ରାମଗୁଡ଼ିକ ହେଲେ- ଦକ୍ଷିଣ ପାର୍ଶ୍ୱରୁ ପାଇକରାପୁର, ନନ୍ଦଳା, ରାମଲେଙ୍କା, ବ୍ରାହ୍ମଣଦେଓ ଦଳେଇ ସାହି, ବ୍ରାହ୍ମଣଦେଓ ଦଳବେହେରା ସାଇ, ସାମନ୍ତରାପୁର, କାଣ୍ଡେଶ୍ୱର, ବାଲିପାଟପୁର, ପିଟିଶାଳ, ରସତି ଗାଁ, ତାଳତଳା ନୂଆ ସାହି, ତାଳତଳା ପୁରୁଣା ସାହି, ନୂଆଗାଁ, ଫତେପୁର, ଅପଲାବାଦ, ନବା, ବଳରାମି, ମାଲୁଦ ପାଇକ ସାହି, ମାଲୁଦ କରଣ ସାହି, ଲଳିତାକୁଦି, ମଲେଶ୍ୱରୀ, ସାହବାଜପୁର, ଗୋଲଗଞ୍ଜ, ଗୌଡ଼ ସାହି, ବୁଦ୍ଧିବର (କ), ବୁଦ୍ଧିବର (ଖ), ବିରିପଦର, ଅଲିପୁର, ଗୋପକୁଦା, ପଥରଗଞ୍ଜ, ପ୍ରୟାଗୀ, ନବା ସାମନ୍ତରାପୁର ଇତ୍ୟାଦି ।



## ପଞ୍ଚଦୋଳର କେତେକ ନୀତି

୨୦୧୨ ମସିହାଠାରୁ ପାରମ୍ପରିକ ମାଲୁଦ ପଞ୍ଚଦୋଳ ଯାତ୍ରାର ନୀତି ନିୟମକୁ ପରିବର୍ତ୍ତନ କରାଯାଇ ଆଧୁନିକ ଯୁଗକୁ ଲକ୍ଷ୍ୟ କରାଯାଇ 'ଅପ୍‌ଡେଟ୍ ମାଲୁଦ ପଞ୍ଚାଦୋଳ ଯାତ୍ରା'ର ଆବଶ୍ୟକତାକୁ ଦୃଷ୍ଟିରେ ରଖି କେତେକ ନୂତନ ନୀତି ନିୟମ କାର୍ଯ୍ୟକାରୀ କରାଯାଇଛି।

୨୦୧୨ ମସିହାଠାରୁ ୨୪ ମୌଜା ଅନ୍ତର୍ଗତ ୩୫ଟି ଗ୍ରାମର ପ୍ରତ୍ୟେକ ଠାକୁର ଦିନକ ପରିବର୍ତ୍ତେ ଯାତ୍ରା ପଡ଼ିଆରେ ୩ ଦିନ ଧରି ନିଜ ବେଦି ମଣ୍ଡପରେ ଉପସ୍ଥିତ ରହିବେ। ପଞ୍ଚଦୋଳ ଯାତ୍ରାର ଅବଧିକୁ ଦିନକ ପରିବର୍ତ୍ତେ ୩/୪ ଦିନକୁ ବୃଦ୍ଧି କରାଯାଇଛି। ପ୍ରତ୍ୟେକ ଗ୍ରାମବାସୀଙ୍କ ଦ୍ୱାରା ପୂର୍ବରୁ ଆସୁଥିବା ପାଲା, ସଙ୍ଗୀତ, ଦାସକାଠିଆ ଓ ଅନ୍ୟାନ୍ୟ ନାଟକ-ପରିବର୍ତ୍ତେ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ '୨ ମେଳ ଅପେରା' ଅନୁଷ୍ଠିତ ହେବ।

୨୪ ମୌଜା ଅନ୍ତର୍ଗତ ୩୫ଟି ଗ୍ରାମର ବିକାଶ ତଥା ପଞ୍ଚଦୋଳ ଯାତ୍ରା ମଙ୍ଗଳ ନିମନ୍ତେ ପଡ଼ିଆ ମଧ୍ୟରେ ଶ୍ରୀ ଶ୍ରୀ ସଙ୍କଟମୋଚନ ପଞ୍ଚମୁଖୀ ହନୁମାନ ଜୀଉଙ୍କ ବିଗ୍ରହ ପ୍ରତିଷ୍ଠା ସହ ନୂତନ ହନୁମାନ ମନ୍ଦିର ନିର୍ମାଣ ୩ଦିନ ଧରି ଯାତ୍ରା ପରିଚାଳନା ସମୟରେ ୨୪ ମୌଜା ଅନ୍ତର୍ଗତ ୩୫ଟି ରାଜସ୍ୱ ଗ୍ରାମର କୌଣସି ବ୍ୟକ୍ତି ବିଶୃଙ୍ଖଳା କଲେ, ବିଶୃଙ୍ଖଳାକାରୀଙ୍କ ଗ୍ରାମବାସୀ ସେଥିପାଇଁ ଦାୟୀ ରହିବା ସହିତ ୫୦ ହଜାର ଟଙ୍କା ଜରିମାନା ଦେବେ। ସେହିପରି ଯାତ୍ରା ସମୟରେ ପଡ଼ିଆ ମଧ୍ୟରେ କୌଣସି ବ୍ୟକ୍ତି ଦୁଇଚକିଆ କିମ୍ବା ଚାରିଚକିଆ ଯାନ ଯାତାୟତ ନ କରି ପାର୍କିଂ ସ୍ଥଳରେ ରଖିବା ପାଇଁ ବାଧ୍ୟ ହେବେ। ଏହିଭଳି କେତେ ନୀତି ନିୟମକୁ ନେଇ ୨୪ ମୌଜା ତରଫରୁ ଆଧୁନିକ ଢାଞ୍ଚାରେ ଆମ 'ଅପଡେଟ୍ ମାଲୁଦ ପଞ୍ଚଦୋଳ ଯାତ୍ରା' କାର୍ଯ୍ୟକାରୀ ହୋଇଆସୁଛି।




## ପୁସ୍ତକ ମେଳାର ଆୟୋଜନ

ପଞ୍ଚଦୋଳ ଯାତ୍ରାର ଖ୍ୟାତି ବା ସମ୍ମାନକୁ ଦ୍ୱିଗୁଣିତ କରିବା ନିମନ୍ତେ ୨୦୧୯-୨୦ ମସିହାରୁ ଯାତ୍ରା ପଡ଼ିଆ ମଧ୍ୟରେ 'ଆମ ପୁସ୍ତକ ମେଳା'ର ଆୟୋଜନ କରାଯାଉଛି। ଯାହା ଦ୍ୱାରା ସ୍ୱଳ୍ପ ଖର୍ଚ୍ଚରେ ପାଠକମାନେ କେତେକ ଆବଶ୍ୟକୀୟ ପୁସ୍ତକକୁ କ୍ରୟ କରି ନିଜର ବୌଦ୍ଧିକ ଜ୍ଞାନର ବିକାଶ କରିବାର ସୁଯୋଗ ପାଇପାରୁଛନ୍ତି। କେବଳ ସେତିକି ନୁହେଁ, ଏହି ପୁସ୍ତକ ମେଳା ମାଧ୍ୟମରେ 'ଜ୍ଞାନପ୍ରଭା' ନାମକ ଏକ ପତ୍ରିକା ପ୍ରତିବର୍ଷ ମୁଦ୍ରଣ କରାଯାଇ ସ୍ଥାନୀୟ ଲେଖକ ଓ ଲେଖିକାମାନଙ୍କ ଚିନ୍ତାଧାରାକୁ ମଧ୍ୟ ପ୍ରକାଶ କରାଯାଇ ପାରୁଛି। ଏହାର ମୁଖ୍ୟ ଦାୟିତ୍ୱ ନେଇ ଆସୁଛନ୍ତି ଆମ ୨୪ ମୌଜା ଅନ୍ତର୍ଗତ ୩୫ଟି ଗ୍ରାମର ବହୁ ଶିକ୍ଷିତ ଯୁବକ ଓ ବୟୋଜ୍ୟେଷ୍ଠ ବ୍ୟକ୍ତି। ଆମ ଅଞ୍ଚଳର ବହୁ ବୁଦ୍ଧିଜୀବୀଙ୍କ ସାହାଯ୍ୟ ସଂଯୋଗ ବଳରେ ଘମା ଅନ୍ଧକାର ମଧ୍ୟରେ ଏହି ପୁସ୍ତକମେଳା ଜ୍ଞାନର ଆଲୋକ (ଦୀପ) ପ୍ରଜ୍ୱଳିତ କରିବାକୁ ପ୍ରୟାସ ଜାରି ରଖିଛି।

## ପଞ୍ଚ ଦୋଳର ବଜାର ବ୍ୟବସ୍ଥା

ଆମ ପଞ୍ଚଦୋଳ କେବଳ ମନୋରଞ୍ଜନକୁ ଗୁରୁତ୍ୱ ଦେଇଥାଏ ତାହା ନୁହେଁ, ମନୋରଞ୍ଜନ ସହ ବିଭିନ୍ନ ପ୍ରକାର ଦୋକାନ ବଜାର ଦ୍ୱାରା ଲୋକମାନଙ୍କର ଆବଶ୍ୟକୀୟ ସାମଗ୍ରୀ ବିକ୍ରୟ କରିବାର ବ୍ୟବସ୍ଥା ଥାଏ। ଏଠାରେ ଦୋକାନ ବଜାର ଖୋଲିବା ପୂର୍ବରୁ ୨୪ ମୌଜା ଯାତ୍ରା କେତେକ ନୀତି ନିୟମକୁ ନେଇ ୨୪ ମୌଜା ତରଫରୁ ଆଧୁନିକ ଢାଞ୍ଚାରେ ଆମ 'ଅପ୍‌ଡେଟ୍ ମାଲୁଦ ପଞ୍ଚଦୋଳ ଯାତ୍ରା' କାର୍ଯ୍ୟକାରୀ ହୋଇଆସୁଛି। କମିଟିର ନିଷ୍ପତ୍ତି ଅନୁଯାୟୀ ବ୍ୟବସାୟୀ ପ୍ରଥମେ 'ଜାଗା' ୪ ଦିନ ପାଇଁ ନିର୍ଦ୍ଧାରିତ ମୂଲ୍ୟରେ କ୍ରୟ କରିବାକୁ ପଡ଼ିଥାଏ। ନିର୍ଦ୍ଧାରିତ ମୂଲ୍ୟର ଅର୍ଦ୍ଧାଂଶ ପ୍ରଥମେ ଦାଖଲ କରି ଅବଶିଷ୍ଟ ମୂଲ୍ୟକୁ ଯାତ୍ରା ଶେଷ ଦିନ ଦାଖଲ କରିବାକୁ ହୋଇଥାଏ। ଏହି ନିୟମରୁ ବଞ୍ଚିତ ହେଲେ କେହି ଦୋକାନ ଯାତ୍ରାରେ ଖୋଲିପାରିବେ ନାହିଁ। ପ୍ରତ୍ୟେକ ଦୋକାନ ଓ ହୋଟେଲଗୁଡ଼ିକ କ୍ରମାନୁଯାୟୀ ବସିବାର ବ୍ୟବସ୍ଥା ହୋଇଥାଏ। ଯେପରିକି ହୋଟେଲଗୁଡ଼ିକ ନିର୍ଦ୍ଦିଷ୍ଟ ସ୍ଥାନରେ ବସିଥିବାବେଳେ ଅନ୍ୟ ଦୋକାନଗୁଡ଼ିକ ତା' ମଧ୍ୟରେ ବସି ପାରିବେ (ଖୋଲିପାରିବେ) ନାହିଁ। ହୋଟେଲ ବିଭାଗ, ଖେଳନା ଦୋକାନ ବିଭାଗ, ଷ୍ଟେସନାରୀ ଦୋକାନ ବିଭାଗ, ଡ୍ରେସ୍ ଓ ଲୁଗା ଦୋକାନ ବିଭାଗ ଆଦି ପୃଥକ୍ ପୃଥକ୍ ଭାବେ ସଜ୍ଜିତ ହୋଇ ଖୋଲିବାର ନିୟମ ରହିଛି। ବିଭିନ୍ନ ଦୋକାନ ବଜାର ସହିତ ଆମ ପଞ୍ଚଦୋଳରେ ପିଲାମାନଙ୍କ ପାଇଁ ସର୍କସ, ରାମଦୋଳି ଓ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ।

## ଶାନ୍ତିଶୃଙ୍ଖଳା ଦାୟିତ୍ୱରେ ସ୍ୱେଚ୍ଛାସେବୀ

ଆମ ପଞ୍ଚଦୋଳ ଯାତ୍ରା ସମୟରେ କେହି ବିଶୃଙ୍ଖଳା କରିପାରିବେ ନାହିଁ। ଯଦି କେହି ବିଶୃଙ୍ଖଳା କରିବାର ଦୃଷ୍ଟିଗୋଚର ହୁଏ, ତେବେ ୨୪ ମୌଜା ଯାତ୍ରା କମିଟି ଦ୍ୱାରା 'ସଦର ଘରେ' ନ୍ୟାୟ ବିଚାର କରାଯାଇ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦିଆଯାଇଥାଏ। ଯାତ୍ରା ପଡ଼ିଆ ମଧ୍ୟରେ ଶୃଙ୍ଖଳା ରକ୍ଷା କରିବା ପାଇଁ ୨୪ ମୌଜା ଅନ୍ତର୍ଗତ ୩୫ଟି ଗ୍ରାମର କେତେକ ସ୍ୱେଚ୍ଛାସେବୀମାନଙ୍କୁ ଦାୟିତ୍ୱ ଦିଆଯାଇଥାଏ। ଏହା ମୁଖ୍ୟତଃ ୨୪ ମୌଜା ଯୁବକ ସଂଘର 'ସଭାପତି' ଓ 'ସମ୍ପାଦକ'ଙ୍କ ଦ୍ୱାରା ସ୍ଥିର କରାଯାଇଥାଏ।









## ଭାଇଚାରାର ନିଦର୍ଶନ

ସର୍ବୋପରି ଆମ ମାଲୁଦ ଓ ପାରିକୁଦର ଦୁଇଟି ବଡ଼ ଯାତ୍ରା ହେଉଛି ପଞ୍ଚଦୋଳ ଯାତ୍ରା (୨୪ ମୌଜା) ମାଲୁଦ, ପଣାଯାତ୍ରା (୩୫ ମୌଜା) ଦେଉଳପଡ଼ା ପାରିକୁଦ। ଏହି ଯାତ୍ରାଦ୍ୱୟ ଦ୍ୱାରା ପରସ୍ପର ମଧ୍ୟରେ ଭାଇଚାରା ମନୋଭାବ ନେଇ ବନ୍ଧୁମିଳନ ହେବା ସହିତ ନିଜ ନିଜର ଘରକରଣା ଆବଶ୍ୟକୀୟ ସାମଗ୍ରୀ କ୍ରୟ ବିକ୍ରୟ ହୋଇଥାଏ। ବର୍ତ୍ତମାନ ଦୁଇ ଯାତ୍ରାର ଖ୍ୟାତି ଏପରି ବୃଦ୍ଧି ପାଇଛି, ଯାହାକୁ ଓଡ଼ିଶାର ବାଲିଯାତ୍ରା ବୋଲି ଦର୍ଶକ କହିବାକୁ ପଛଉ ନାହାଁନ୍ତି। ତେଣୁ ସେ ଯାହା ହେଉ ସର୍ବଶେଷରେ କର୍ମକ୍ଳାନ୍ତ ଜୀବନରୁ ମୁକ୍ତ ପାଇଁ ମଣିଷ ଯେତେବେଳେ ଶାନ୍ତି ଓ ଆନନ୍ଦ ଖୋଜିଥାଏ, ସେତେବେଳେ ଆମ 'ଅପ୍‌ଡେଟ୍ ମାଲୁଦ ପଞ୍ଚଦୋଳ ଯାତ୍ରା' ନାମକ ତାହା ଯୋଗାଇଥାଏ। ସର୍ବଶେଷରେ ମୁଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ନିବେଦନ କରେ କି ଏହି ଯାତ୍ରା ଦୀର୍ଘଜୀବୀ ହେଉ। ମାଲୁଦ ପଞ୍ଚଦୋଳ ଯାତ୍ରାର ସଫଳତା ପାଇଁ ସମସ୍ତଙ୍କର ସହଯୋଗ କାମନା କରୁଛି। ■

ନନ୍ଦଳା, ପୁରୀ
ମୋ: ୭୭୭୮ ୭୧୩୩୧

# ସ୍ମୃତିରେ ମାଲୁଦ ପଞ୍ଚୁଦୋଳ



ଆଜକୁ ୭୦ ବର୍ଷ ତଳର କଥା । ମାଲୁଦ ଦ୍ୱୀପାଞ୍ଚଳ ସେତେବେଳେ ଏକ ବିଚ୍ଛିନ୍ନାଞ୍ଚଳ ଥିଲା । ନା ଥିଲା ଗମନାଗମନର ସୁବିଧା ନା ଥିଲା ବିଦ୍ୟୁତ୍ ଓ ଟେଲିଫୋନର ବ୍ୟବସ୍ଥା । ପୂର୍ବତଟ ଭାଗରେ ବଙ୍ଗୋପସାଗର ଓ ଅନ୍ୟ ତ୍ରୟୋପାର୍ଶ୍ୱରେ ଚିଲିକା ଜଳରାଶି ଘେରି ରହିଥିଲା । ଡଙ୍ଗା ଏକମାତ୍ର ସାହା ଭରସା ଥିଲା । ରମ୍ଭା, କେଶପୁର, ବାଲୁଗାଁ, କାଲୁପଡ଼ା ଇତ୍ୟାଦି ଜାଗାକୁ ଯିବାକୁ ହେଲେ ଚିଲିକାରେ ଡଙ୍ଗାରେ ବସି ପାରି ହେବାକୁ ପଡୁଥିଲା । ସ୍ଥଳ ପଥରେ ବଳଦଟଣା ଗାଡ଼ି ଏକମାତ୍ର ଭରସା ଥିଲା । ତଥାପି ଓଡ଼ିଶାର ପର୍ବପର୍ବାଣି ଓ ସଂସ୍କୃତି ଏ ଅଞ୍ଚଳରେ ଉପେକ୍ଷିତ ନ ଥିଲା । ତନ୍ମଧ୍ୟରୁ ଚୈତ୍ର ମାସ ପଞ୍ଚମୀ ତିଥିରେ ମାଲୁଦଠାରେ ଅନୁଷ୍ଠିତ ପଞ୍ଚୁଦୋଳ ଯାତ୍ରା ଅନ୍ୟତମ । ଜେଜେ, ଗୋସେଇଁ ଜେଜେ ତଥା ଲୋକାଚାରରେ ଏ ଯାତ୍ରା ପ୍ରାୟ ୨୦୦ ବର୍ଷ ତଳର ପୁରୁଣା ସଂସ୍କୃତି । ଅଦ୍ୟାବଧି ସେ ସଂସ୍କୃତି ବଞ୍ଚି ରହିଛି । ପୂର୍ବ ଅପେକ୍ଷା ଏହାର କଳେବର ବହୁଗୁଣରେ ବିକଶିତ ହୋଇଛି ।



ପ୍ରବୀର ଚନ୍ଦ୍ର ଦାସ

ଚୈତ୍ର ମାସ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ଢଗା ପୋତା ହୁଏ। ନଅ ମୌଜା ତରଫରୁ ଢଗା ତଥା ପନ୍ଦର ମୌଜା ତରଫରୁ ଢଗା ଦୁଇଗୋଟି ପଡ଼ିଆ ମଧ୍ୟରେ ପୋତା ହୁଏ। ଢଗା ପୋତାରେ ଉଭୟ ପକ୍ଷ ଢଗଢମାଳି ଗାନ କରି ବୋଲ ଓ ଘଣ୍ଟ ନାଦରେ ରାସ୍ତା, ଘାଟ ପ୍ରକମ୍ପିତ କରି କାଠ ମାଙ୍କଡ଼କୁ ନଚାଇ ବାଦ୍ୟର ତାଳେ ତାଳେ ବିଭିନ୍ନ ଭଙ୍ଗୀରେ ଗୋଡ଼ ପକାଇ ଭିନ୍ନ ଭିନ୍ନ ଢଙ୍ଗରେ ନାଟ କରି ଦର୍ଶକଙ୍କ ମନମୁଗ୍ଧ କରନ୍ତି। ଏହା ଯାତ୍ରା ଆରମ୍ଭର ପ୍ରାରମ୍ଭିକ ଉନ୍ମାଦନା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ତତ୍‌ଦିନ ରାତ୍ର ଦଶ ଘଟିକା ସମୟରେ ଠାକୁରମାନେ ନିଜ ନିଜ ମନ୍ଦିରରୁ ଯାତ୍ରା ପଡ଼ିଆ ଅଭିମୁଖେ ସୁସଜ୍ଜିତ ଜମ୍ବୁର ଜରି ଖଚିତ ଓ କଇଁଫୁଲ ଖଚିତ ପ୍ରଭା ଯୋଡ଼ିତ ବିମାନରେ ଆରୋହଣ କରି ଜାକଜମକରେ ବାହାରନ୍ତି। ସେତେବେଳେ ଆଲୁଅ ନିମନ୍ତେ ଜେନେରେଟ୍‌ର ବ୍ୟବସ୍ଥା ନ ଥିଲା । କାଠି ଦିହୁଡ଼ି ଏବଂ ନିଶୁଣି ଦିହୁଡ଼ି ତଥା ପେଟ୍ରୋମାକ୍ସ ଲାଇଟ୍ ଦ୍ୱାରା ଆଲୁଅ ନିମନ୍ତେ ବ୍ୟବହାର କରାଯାଇଥିଲା । ନିଶୁଣି ଦିହୁଡ଼ିରେ ପୋଲାଙ୍ଗ ରସ ଫେଟା କିମ୍ବା ଫେଟା ଖସିରେ କିରୋସିନୀ ବୁଡ଼ାଇ ଜଳା ଯାଇଥିବା ନିଶୁଣି ଆକୃତିର କଞ୍ଚା ବାଉଁଶରେ ନିର୍ମିତ ବଡ଼ ବଡ଼ ମାଟି ସରା ଆକୃତିର ପାତ୍ରକୁ ବାଉଁଶ କାଠି ଅଗ୍ରରେ ଖଞ୍ଜି ସେଥରେ ଫେଟାଗୁଡ଼ିକକୁ ରଖି ଅଗ୍ନି ସଂଯୋଗ କରାଯାଉଥିଲା । ଫଳରେ ଦୀର୍ଘ ସମୟ ଧରି ଫେଟାଗୁଡ଼ିକ ଜଳି ଆଲୋକ ପ୍ରଦାନ କରୁଥିଲା । ବିଭିନ୍ନ ପଟୁଆରରେ ଯଥା- କେଳା, କେଳୁଣୀ, ଶବର, ଶବରୀ, ବୁମା ବୁଢ଼ୀ, ଅସୁର, ଅସୁରୁଣୀ, ନାଗା, ପ୍ରଭା ନାଚ ସହିତ ଲୋକନୃତ୍ୟ ପ୍ରଦର୍ଶନ ସାଙ୍ଗକୁ ପାଇକ ଆଖଡ଼ା, ସଂକୀର୍ତ୍ତନ, ଢୋଲ ବାଦ୍ୟ ଆଦି ପଟୁଆରରେ ଠାକୁରମାନେ ଗ୍ରାମ ପରିକ୍ରମା କରି ଯାତ୍ରା ପଡ଼ିଆକୁ ଯାଉଥିଲେ । ଘୋଡ଼ା ନାଚ, ବାଘ ଲଢ଼େଇ ଓ ଷଣ୍ଢ ଲଢ଼େଇ ପଟୁଆରକୁ ଆହୁରି ରସାଣିତ କରୁଥିଲା । ଏକ ଅପୂର୍ବ ମନୋରମ ପରିବେଶ ଓ ଆଧ୍ୟାତ୍ମିକ ଚେତନା ପ୍ରତ୍ୟେକ ଦର୍ଶକ ମନକୁ ବିମୋହିତ କରିବା ସଙ୍ଗେ ସଙ୍ଗେ ଆନନ୍ଦ ଉଲ୍ଲାସରେ ମନ ମତୁଆଲ ହୋଇ ଉଠୁଥିଲା ।





## ଯାତ୍ରାର ଆକର୍ଷଣ

ଠାକୁରମାନେ ପ୍ରାୟ ରାତ୍ର ବାର ଘଟିକା ସମୟରେ ସ୍ୱ ସ୍ୱ ସ୍ଥାନ ଆରୋହଣ କଲା ପରେ ପ୍ରତ୍ୟେକ ଠାକୁରଙ୍କ ନିକଟରେ ବିଭିନ୍ନ ଲୋକନୃତ୍ୟ ପ୍ରଦର୍ଶନ କରାଯାଉଥିଲା। ଦିନ ସାରା ଯାତ୍ରା ଚାଲେ । ସେତେବେଳେ ଘରୁ ବାହାରିଲା ବେଳେ ବାଘବାରୀ ବାଲି ବିଶେଷ ପ୍ରତିବନ୍ଧକ ସାଜେ । ଉତ୍ତପ୍ତ ବାଲିରେ ଚାଲିବା କଷ୍ଟ ହୁଏ। ପାର୍ଶ୍ୱରେ ଥିଲା ପୋଲାଙ୍ଗ ଫୁଲର ବାସ୍ନା, ଆମ୍ବ ଡାଳରେ କୋଇଲିର ତାନ, ମହୁମାଛିଙ୍କ ଗୁଣୁଗୁଣୁ ସ୍ୱନ ତନୁ ମନକୁ ବିମୋହିତ କରି ଉତ୍ତପ୍ତ ବାଲିରେ ଚାଲିବା କଷ୍ଟକୁ ଲାଘବ କରିଥାଏ । ସୁଲୁସୁଲିଆ ଦକ୍ଷିଣ ପବନ ମନରେ ଅଶେଷ ପୁଲକ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଯାତ୍ରା ଦେଖିବାର ଇଚ୍ଛାକୁ ଶତଗୁଣିତ କରିଥାଏ । ଯାତ୍ରା ପଡ଼ିଆରେ ବିଶେଷତଃ ଇଚ୍ଛାପୁର, ଛତ୍ରପୁର ଇତ୍ୟାଦି ଦୂରଦୂରାନ୍ତ ସ୍ଥାନରୁ ଆସିଥିବା କଦଳୀ ଶଗଡ଼ ଯାତ୍ରା ପଡ଼ିଆ ଶୋଭାକୁ ବର୍ଦ୍ଧନ କରୁଥିଲା । ହଳଦୀ ରଙ୍ଗ ଯୁକ୍ତ ଶହ ଶହ କଦଳୀ କାନ୍ଦି ଦୋକାନ ଆଗରେ ଝୁଲୁଥାଏ। ଠାକୁରଙ୍କ ନିକଟରେ କଦଳୀ ଭୋଗ ପୂଜା କରିବା ପରେ ଘର ବ୍ୟବହାର ନିମନ୍ତେ ପ୍ରତ୍ୟେକ ପରିବାର କଦଳୀ କ୍ରୟ କରନ୍ତି ।

ଦ୍ୱିତୀୟ ଆକର୍ଷଣ ହେଲା ଗଞ୍ଜାମ ଜିଲ୍ଲା ଖୋଜାପଲ୍ଲୀର ଖଇ, କୋରା, ସାକର ଓ ଫେଣି ଦୋକାନ ସମସ୍ତ ପରିବାର ଭାର ଦେବା ନିମନ୍ତେ ଏସବୁ ଜିନିଷ କିଣିଥାନ୍ତି। ଚାଷୀମାନେ ଚାଷ କାର୍ଯ୍ୟ ନିମନ୍ତେ ଲଙ୍ଗଳ ଲୁହା, କୋଦାଳ, ଫାଉଡା, କୁରାଢ଼ୀ, କାତି, ଖଣତି, ଦାଆ ଇତ୍ୟାଦି ନିତ୍ୟ ବ୍ୟବହାର୍ଯ୍ୟ ନିମନ୍ତେ ଲୌହ ଉପକରଣ ଲୁହା ଦୋକାନରୁ କିଣିଥାନ୍ତି। ଏତଦ୍‌ବ୍ୟତୀତ ମନୋହର ଦୋକାନ ଖେଳନା ଦୋକାନ, ଲୁଗା ଦୋକାନ, ରାଇସିଙ୍ଗି ଦୋକାନ, ଭୋଜନାଳୟ, ବହି ଦୋକାନ, ଚଣା, ଶାକର ଦୋକାନ ସଗପଟି, ଇତ୍ୟାଦି ପସରା ଯାତ୍ରା ପଡ଼ିଆରେ ଥାଏ। ଦର୍ଶକମାନେ ବର୍ଷସାରା ବ୍ୟବହାର ନିମନ୍ତେ ସାବୁନ, ପାଉଡ଼ର, ରିବନ ଫିତା, ବାଳଛପା, ଲୁଗା, ଛୋଟ ପିଲାଙ୍କ ନିମନ୍ତେ ପ୍ୟାଣ୍ଟସାର୍ଟ, ଖେଳନା ଇତ୍ୟାଦି କିଣିଥାନ୍ତି। ଦୂରଦୂରାନ୍ତରୁ ଆସିଥିବା ଦର୍ଶକମାନେ ପଥରା ଜଳଖିଆ ଦୋକାନ, ବିମ୍ବାଧର ଜେନାଙ୍କ ଗୁଲୁଗୁଲା ଦୋକାନ, ବଡ଼ଅଁଳ ଗୁଡ଼ିଆଙ୍କ ମିଠା ଦୋକାନରୁ ମିଠା ଖାଇ ତୃପ୍ତି ଲାଭ କରନ୍ତି ।

ମିଲ୍ସ ହୋଟେଲରେ କେବଳ ଡାଲି, ଭାତ, ଘାଣ୍ଟ ଓ ମାଛ ତରକାରୀ ମିଳେ। ଦର୍ଶକମାନେ ସଉକରେ ଘରେ ନଖାଇ ଯାତ୍ରା ପଡ଼ିଆ ହୋଟେଲରେ ପଙ୍ଗ କରି ଆତ୍ମତୃପ୍ତି ଲାଭ କରନ୍ତି। ଦୂରଦୂରାନ୍ତରରୁ ଯଥା ପାଇକରାପୁରଠାରୁ ଜହ୍ନିକୁଦା, କୃଷ୍ଣପ୍ରସାଦ ଗଡ଼ ପ୍ରଭୃତି ଅଞ୍ଚଳରୁ ଦର୍ଶକମାନେ ଠାକୁର ଦର୍ଶନ ଓ ଯାତ୍ରା ବୁଲିବାର ମଜା ନିମନ୍ତେ ବଳଦ ଗାଡ଼ିରେ ସପରିବାରେ ଆସି ପଡ଼ିଆ ନିକଟରୁ ବରଗଛ ମୂଳେ ଡେରା ପକାଇ ରୋଷେଇ କରି ଖିଆପିଆ ସାଙ୍ଗକୁ, ଯାତ୍ରା ଦେଖିବାର ମଜା ନେଇ ଥାଆନ୍ତି।

ଯାତ୍ରା ଦେଖା ସହ ବନ୍ଧୁ ମିଳନ ମଧ୍ୟ ଏକ ପ୍ରମୁଖ ଭୂମିକା ଏଠାରେ ଘଟେ। ଦୋକାନ ଦୋକାନ ବୁଲି ଖେଳନା ବେଲୁନ, ପ୍ଲାଷ୍ଟିକ ଘଣ୍ଟା କିଣିବାରେ ପିଲାମାନେ ଲାଗି ପଡ଼ନ୍ତି। ଏକ ଦିବସୀୟ ଯାତ୍ରାର ଉଦ୍‌ଯାପନ ଅପରାହ୍ଣ ୫ ଘଟିକାରେ ସମ୍ପୂର୍ଣ୍ଣ ହୁଏ। ଉଣେଇଶ ଠାକୁରଙ୍କ ମେଳଣ ଉତ୍ସବ ଅବିରର ବିଭିନ୍ନ ରଙ୍ଗରେ ରଙ୍ଗାୟିତ ହୋଇ ଯାତ୍ରା ପଡ଼ିଆର ସୌନ୍ଦର୍ଯ୍ୟକୁ ରସାଣିତ କରିବା ସଙ୍ଗେ ସଙ୍ଗେ ଦୋଳ ମଣ୍ଡପ ଚତୁଃପାର୍ଶ୍ୱରେ ସପ୍ତବାର ପରିକ୍ରମା ଏକ ଭାବ ବିହ୍ୱଳ ପରିବେଶ ସୃଷ୍ଟି କରେ। ହରିବୋଲ, ହୁଳହୁଳିରେ ପ୍ରକମ୍ପିତ ଯାହା ପଡ଼ିଆ ଦେବ ମିଳନର ଏକ ଅପୂର୍ବ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରି ବିଦାୟର ବାତାବରଣ ସୃଷ୍ଟି କରେ।

## ବର୍ଣ୍ଣାଢ୍ୟ ମେଢ଼

ଅଧୁନା ଏକ ଦିବସୀୟ ଯାତ୍ରାକୁ ପରିବର୍ତ୍ତନ କରାଯାଇ ଚତୁଃଦିବସୀୟ ଯାତ୍ରାରେ ପରିଣତ କରାଯାଇଛି । ଅତ୍ୟାଧୁନିକ ଢଙ୍ଗରେ ଠାକୁର ମଣ୍ଡପ, ଦୋଳ ମଣ୍ଡପ ଓ ସଦର ମଣ୍ଡପର ସଂସ୍କରଣ କରାଯାଇଛି। ପ୍ରତ୍ୟେକ ଠାକୁରଙ୍କ ନିକଟରେ ଚାଲୁଥିବା ଲୋକନୃତ୍ୟ ବଦଳରେ ଅପେରା ଯାତ୍ରା କରାଯାଉଛି। ଯୁବ ସଂଗଠନମାନଙ୍କୁ ସକ୍ରିୟ କରାଯାଇ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି। ଯାତ୍ରା ଶୃଙ୍ଖଳିତ ପରିଚାଳନା ନିମନ୍ତେ ଏକ ବରିଷ୍ଠ କମିଟି ଗଠନ କରାଯାଇଛି। ଠାକୁରଙ୍କ ସଂଖ୍ୟା ବୃଦ୍ଧି ଘଟି ୨୩ ଠାକୁର ଆସିବାର ବ୍ୟବସ୍ଥା ହୋଇଛି। ଦୋକାନ ବଜାର ପରିମାର୍ଜିତ ହୋଇଛି। ପଡ଼ିଆ ସାଜସଜ୍ଜା ଦିଗରେ ଅଗ୍ରଣୀ ଲାଭ କରିଛି। ଶ୍ରୀଜୀଉମାନଙ୍କର ମେଢ଼କୁ



ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସୁସଜ୍ଜିତ କରାଯାଉଅଛି। ଯାନବାହନର ସୁବିଧା, ରାସ୍ତାଘାଟରେ ସୁବିଧା ଯୋଗୁଁ ଦର୍ଶକ ସଂଖ୍ୟା ଶତଗୁଣରେ ବଢ଼ି ଯାଇଛି । ତଦୁପରି ଦୋକାନ ବଜାର ସଂଖ୍ୟା ଦ୍ୱିଗୁଣିତ ହୋଇଛି। ନିତ୍ୟାବଶ୍ୟକ ସମସ୍ତ ଉପକରଣ ଯାତ୍ରା ପଡ଼ିଆରେ ଉପଲବ୍ଧ ହେଉଛି । ଠାକୁରମାନେ ବିଭିନ୍ନ ପଟୁଆରରେ ଜାକଜମକ ସହ ବର୍ଣ୍ଣାଢ୍ୟ ମେଢ଼ ଖଚିତ ବିମାନରେ ଆରୋହଣ କରି ମନୋରମ ପରିବେଶରେ ଯାତ୍ର ପଡ଼ିଆକୁ ଆସୁଛନ୍ତି। ଲୋକଙ୍କ ଆର୍ଥିକମାନ ଅବିବୃଦ୍ଧି ଯୋଗୁଁ ଯାତ୍ରା ନିମନ୍ତେ ପ୍ରସ୍ତୁତି ହେବାରେ କୌଣସି ଦିଗରେ କେମିତି ଦେଖାଯାଏ ନାହିଁ। ପୋଷାକ ପରିଚ୍ଛଦ, ବେଶଭୂଷା, ସାଜସଜ୍ଜାରେ ଦର୍ଶକମାନେ ଆରକରୁ ଆରେକ ବଳି ଯାଆନ୍ତି। ଆଧୁନିକତାର ପରିଛାପ ଦର୍ଶକମାନଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ପରିଦୃଷ୍ଟ ହୁଏ।










## ପିଲାଦିନ ସ୍ମୃତି

ପିଲାଦିନର ମାଟିଆ ପ୍ୟାଣ୍ଟକୁ ଧଳା ସାର୍ଟ କାହା ଗୋଡ଼ରେ ଚପଲ ଥାଏ ତ କାହା ଗୋଡ଼ ମୁକୁଳା। କାହା ମୁଣ୍ଡ ନୁଖୁରା ତ କାହା ମୁଣ୍ଡ ରନ୍ଧା ତେଲରେ ଜର୍ଜରିତ। କାହା ମୁଖରେ ପାଉଡ଼ର କାହା ମୁଖ ହଳଦିମୁଖା, ଏବଂ କାହା ମୁଖ ମାଖରା। ସେ ଦିନ ସଉକରେ ପଞ୍ଚୁଦୋଳ ଦେଖା। ତଥାପି ମନରେ ଆଗ୍ରହ, ଉତ୍କଣ୍ଠା-ଜଳବନ୍ଦୀ ଦ୍ୱୀପରେ ସମସ୍ତଙ୍କ ଭାଗ୍ୟରେ ବାହ୍ୟ ଜଗତର ଚାକଚକ୍ୟ ଆଡ଼ମ୍ବରକୁ ଉପଭୋଗ କରିବାର ସୁଯୋଗ ନ ଥାଏ। ଘର ପାଖ ପଞ୍ଚୁଦୋଳ ଯାଏ ।

ମନରେ ଯେ ଅମାପ, ଆନନ୍ଦ ଓ ତୃପ୍ତି ଭରିଦିଏ ତାହା ସେତେବେଳର ଅନୁଭବୀ ହିଁ ଅନୁଭବ କରୁଥିବ। ଆର୍ଥିକ ଅନାଟନ ସ୍ୱଳ୍ପ ଆୟରେ ପରିବାର ସଦସ୍ୟମାନେ ଯାତ୍ରାରେ ଆସବାବପତ୍ର କିଣିବା ଖର୍ଚ୍ଚ ନିମନ୍ତେ ସଞ୍ଚୟ କରି ପଇସାପତ୍ର ରଖିଥାନ୍ତି। ସେଥିରେ ପରିବାର ଯେ ସମସ୍ତ ଆବଶ୍ୟକ ଜିନିଷପତ୍ର କିଣିବାକୁ ସକ୍ଷମ ହୋଇଥାନ୍ତି। ସ୍ତ୍ରୀମାନଙ୍କ ପରିଧାନ କହିଲେ ରଙ୍ଗ, ବେରଙ୍ଗର ଖୋର୍ଦ୍ଧା ମସୁରାଇଜି ଶାଢ଼ି ଛିଟକନା ତିଆରି ଅଙ୍ଗବସ୍ତ୍ର। ପ୍ରସାଧନ ସାମଗ୍ରୀ ହିସାବରେ ଟାଲକମ ପାଉଡ଼ର, କାଶ୍ମୀର ସ୍ନୋ, ଲାଇଫ୍‌ବଏ ସାବୁନ, ଲକ୍ସ ସାବୁନ ଏବଂ ସନ୍‌ଲାଇଟ୍ ଲୁଗାଧୁଆ ସାବୁନ ଇତ୍ୟାଦି ପ୍ରଦାନ ନ ଥିଲା । ବାସନା ତେଲ ଓ ଅତର ମଧ୍ୟ ମିଳୁ ନଥିଲା। ହିମସାର ଥଣ୍ଡା ତେଲ, ଚାରିଅଣା ଅତର ଶିଶିର ବେଶି ଚାହିଦା ଥିଲା। ଏ ସବୁ ସାମଗ୍ରୀର ମାନ ଏତେ ଅଧିକ ଥିଲା ଯେ, ଝିଅ, ବୋହୂମାନେ ବର୍ଷ ବର୍ଷ ଧରି ସାଇତି ରଖିଲେ ମଧ୍ୟ ତାହା ନଷ୍ଟ ହେଉ ନଥିଲା। କାଚ ପସରାରେ ସ୍ତ୍ରୀ ଲୋକଙ୍କ ଭିଡ଼ ବେଶ୍ ଜମେ। ରଙ୍ଗ ବେରଙ୍ଗ କାଚ ଆଭୂଷଣରେ ନିଜ ନିଜ ହାତକୁ ସଜାଇ ଆନନ୍ଦ ପାଆନ୍ତି।

ଜୀବନଚକ୍ର ପରିଚର୍ଯ୍ୟାରେ ସବୁକିଛି ପରିବର୍ତ୍ତନ ହୋଇ ଚାଲିଛି। ତଥାପି ସେ ଦିନ ସ୍ମୃତି ଅଭୁଲା ଓ ଚିର ସ୍ମରଣୀୟ ହୋଇ ରହିଛି। ବର୍ତ୍ତମାନର ଯୁବପିଢ଼ି ସଚେତନ ଓ ସଂଯମତା ଅବଲମ୍ବନ କରି ଯୁଗ ଯୁଗାନ୍ତର ପରମ୍ପରାକୁ ଶୃଙ୍ଖଳିତ ସହ ସମନ୍ୱୟ ରକ୍ଷା କରି ବଞ୍ଚାଇ ରଖିବାର ପ୍ରୟାସ ଜାରି ରଖିବାର ଆବଶ୍ୟକ ରହିଛି। ଏହା ବୟସ୍କ ଗୁରୁଜନ ବ୍ୟକ୍ତିମାନଙ୍କ ଆହ୍ୱାନ । ଆମେ ଓଡ଼ିଆ। ଆମର ଜଗନ୍ନାଥ ସଂସ୍କୃତି ଯେ ହିନ୍ଦୁ ପରମ୍ପରାକୁ ବହନ କରି ବିଶ୍ୱ ଦରବାରରେ ଶ୍ରେଷ୍ଠତ୍ୱ ଲାଭ କରିଛି। ସେ ମହାନତାକୁ ବଞ୍ଚାଇ ରଖିବାର ପ୍ରୟାସ ଆମ ସମସ୍ତଙ୍କର ହେବା ଆବଶ୍ୟକ। ଅନୁଷ୍ଠାନର ଉତ୍ତରୋତ୍ତର ଅଭିବୃଦ୍ଧି କାମନା କରୁଛି। ■



ପୂର୍ବତନ କାର୍ଯ୍ୟକାରୀ ସଭାପତି
ମାଲୁଦ ପଞ୍ଚୁଦୋଳ ମେଳଣ ପଡ଼ିଆ, ଚବିଶ ମୌଜା
ମାଲୁଦ, ପୁରୀ

# ଚିଲିକା ପାଣିରେ ଦୋଳଯାତ୍ରା







ଅଧ୍ୟାପକ ପବିତ୍ର ମୋହନ ବାରିକ

**ବିଶ୍ୱ ଦରବାରରେ ପୁଣ୍ୟ ଉତ୍କଳ ଭୂଖଣ୍ଡର ମହିମା ମଣ୍ଡିତ କରୁଥିବା ପ୍ରାକୃତିକ ବିଭବଗୁଡ଼ିକ ମଧ୍ୟରେ ଚିଲିକା ହ୍ରଦ ଅନ୍ୟତମ। ପୂର୍ବ ଭାରତର ଉପକୂଳ ଅଞ୍ଚଳରେ ରହିଛି ବଙ୍ଗୋପସାଗର ଓ ତାହାର ତଟବର୍ତ୍ତୀ ବୃହତ୍ତମ ଲୁଣି ହ୍ରଦ ଏବଂ ଛୋଟ-ବଡ଼ ୨୨ ଟି ଦ୍ୱୀପ। ଏହାର ମଧ୍ୟ ଭାଗରେ ଅଛି ପାରିକୁଦ। ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ବ୍ଲକ୍‌ରେ ଏହା ଅବସ୍ଥିତ। ମହାନଦୀର ଶାଖା ନଦୀ ଦ୍ୱୟ ଦୟା ଓ ଭାର୍ଗବୀ କାଳକ୍ରମେ ସମୁଦ୍ର ମୁହାଣରେ ବୋହି ଆଣୁଥିବା ମାଟି, ବାଲି, ପଥର, ପଟୁ ଜମା ହେବା ଦ୍ୱାରା ଚିଲିକା ହ୍ରଦ ସୃଷ୍ଟି ହେଲା। ପୂର୍ବେ ଏହା ସମ୍ପୂର୍ଣ୍ଣ ରୂପେ ବଙ୍ଗୋପସାଗରରେ ଥିଲା। ବଙ୍ଗୋପସାଗରରୁ ବିଚ୍ଛିନ୍ନ ହୋଇ ଚିଲିକା ନାମରେ କଥିତ ହେଲା। ଓଡ଼ିଶାର ଇତିହାସ, ଐତିହ୍ୟ, ସଂସ୍କୃତି, ପରମ୍ପରା, ଧର୍ମ, ସାହିତ୍ୟ, ପର୍ଯ୍ୟଟନ ଓ ଅର୍ଥନୀତିକୁ ଗଭୀର ଭାବରେ ଅନୁପ୍ରାଣିତ ଓ ପ୍ରଭାବିତ କରିଅଛି।**

ଚିଲିକା ଏସିଆର ବୃହତ୍ତମ ଲୁଣି ହ୍ରଦ। ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାର ସୀମା ରେଖା ମଧ୍ୟରେ ଏହି ହ୍ରଦ ଅବସ୍ଥିତ। ଇତିହାସ କୁହେ ଚିଲିକା ପୂର୍ବେ ଏକ ପ୍ରସିଦ୍ଧ ବନ୍ଦର ରୂପେ ପ୍ରାଚୀନ ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ପରମ୍ପରାକୁ ସହାୟତା ପ୍ରଦାନ କରି ଆସୁଥିଲା। ପ୍ରଥମେ କିଛି ମତ୍ସ୍ୟଜୀବୀ ମାଛ ଧରିବା ଉଦ୍ଦେଶ୍ୟରେ ଚିଲିକା ଦ୍ୱୀପରେ ବାସ କରୁଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ବର୍ଗର ଜନସାଧାରଣ ଆସି ଏଠାରେ ବସତି ସ୍ଥାପନ କଲେ। ସାରସ୍ୱତ ସ୍ରଷ୍ଟାମାନଙ୍କ ପାଇଁ ଚିଲିକା ଭୂସ୍ୱର୍ଗ।

ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତି ଚିଲିକା ହ୍ରଦର ଅଛି ଅନବଦ୍ୟ ଅବଦାନ। ଚିଲିକାସ୍ଥ ଗୁରୁବାଇ ଦ୍ୱୀପ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଗୋପନଲୀଳା କ୍ଷେତ୍ର। ଏଠାରେ ଥିବା ଲୋଟଣୀ ବରଗଛ ଏହାର ମୂକସାକ୍ଷୀ। ଚିଲିକା ମଧ୍ୟସ୍ଥ କାଙ୍କଣ ଶ୍ରୀକ୍ଷେତ୍ରଠାରେ ପ୍ରଭୁଙ୍କୁ କାଙ୍କଣ ଭୋଗରେ ମଣୋହି କରାଯାଇଥିଲା। କାଞ୍ଚି ଅଭିଯାନ ସମୟରେ ମହାପ୍ରଭୁ ଚିଲିକା କୂଳସ୍ଥ ମାଣିକପାଟଣାଠାରେ ଦଧିପାନ କରିଥିବାର କଥା ଲୋକମୁଖରେ ଶୁଣାଯାଏ। ଚିଲିକାରେ ୨୫୦ ପ୍ରଜାତିର ମାଛ ଦେଖିବାକୁ ମିଳିଥାନ୍ତି। ଶୀତଋତୁରେ ବିଦେଶୀ ପକ୍ଷୀମାନଙ୍କର ସମାଗମ ହୁଏ। ନଳବଣ ଦ୍ୱୀପ, କାଳିଜାଇ ଦ୍ୱୀପ, ରାଜେଶ୍ ଦ୍ୱୀପ, ସାତପଡ଼ା ପ୍ରଭୃତି ଚିଲିକା ମଧ୍ୟରେ ରହିଛି।



## ପାରିକୁଦର ଇତିହାସ



ଡଃ ରାଧାଚରଣ ପଣ୍ଡାଙ୍କ 'ପାରିକୁଦ ଇତିହାସ'ରୁ ଜଣାଯାଏ ଯେ, ବାଣପୁର ବଙ୍କାଡ଼ ଗଡ଼ର ରାଜା ଯଦୁନାଥ ମାନସିଂହ ମୋଗଲ ସମ୍ରାଟ ଆକବରଙ୍କ ମନ୍ତ୍ରୀ ତୋଡ଼ରମଲ୍ଲଙ୍କ ଅନୁମତିକ୍ରମେ ପାରିକୁଦ ସମେତ ଚିଲିକାର ସମସ୍ତ ଅଞ୍ଚଳକୁ ଶାସନ କରିବାର ଅଧିକାର ପାଇଥିଲେ l ୧୫୬୬ରୁ ୧୭୭୯ ମସିହା ପର୍ଯ୍ୟନ୍ତ ଉଭୟ ବାଣପୁର ଓ ପାରିକୁଦକୁ ଏକ ଶାସନାଧୀନ କରାଯାଇଥିଲା l ଖୋର୍ଦ୍ଧା ରାଜା ବୀର କିଶୋର ଦେବଙ୍କ ସହିତ ବାଣପୁର ବଙ୍କାଡ଼ ଗଡ଼ର ରାଜା ହରିସେବକ ମାନସିଂହଙ୍କ ମଧ୍ୟରେ ବିବାଦ ଦେଖାଦେଲା l ରାଜା ହରିସେବକ ମାନସିଂହ ନିଜର ସୁରକ୍ଷା ନିମନ୍ତେ ବଙ୍କାଡ଼ ଗଡ଼ ପରିତ୍ୟାଗ କରି ଚିଲିକା କୂଳସ୍ଥ ଛତ୍ରଗଡ଼ଠାରେ ଅବସ୍ଥାନ କଲେ l ଖୋର୍ଦ୍ଧା ରାଜାଙ୍କ ଆକ୍ରମଣର ଆଶଙ୍କା କରି ଛତ୍ରଗଡ଼ ତ୍ୟାଗ କରି ଚିଲିକା ମଧ୍ୟସ୍ଥ ଗୁରୁବାଇ ନାମକ ଏକ ଟାପୁରେ ଗଡ଼ ନିର୍ମାଣ କଲେ ହରି ସେବକ ମାନସିଂହ l କିଛିଦିନ ପରେ ସେ ଏଠାରେ ନୃସିଂହ ପ୍ରସାଦ ନିର୍ମାଣ କଲେ l ହରିସେବକ ମାନସିଂହ ପାରିକୁଦର ପ୍ରଥମ ରାଜା ରୂପେ ୧୭୮୯ରୁ ୧୭୯୫ ମସିହା ପର୍ଯ୍ୟନ୍ତ ଗୁରୁବାଇ ଗଡ଼ରୁ ଶାସନ ପରିଚାଳନା କରୁଥିଲେ l ରାଜା ହରିସେବକ ମାନସିଂହଙ୍କର ମୃତ୍ୟୁ ପରେ ତାଙ୍କ ପୁତୁରା ଭାଗିରଥୀ ପାରିକୁଦର ରାଜା ରୂପେ ରାଜପଦରେ ଅଧିଷ୍ଠିତ ହେଲେ l ସେ ୧୭୯୮ ମସିହାରେ କୃଷ୍ଣପ୍ରସାଦ ନାମକ ଏକ ନୂତନ ଗଡ଼ ସ୍ଥାପନ କଲେ l ପାରିକୁଦ ରାଜ ବଂଶାବଳୀ ଅନୁଯାୟୀ ଭାଗିରଥୀ ମାନସିଂହ (୧୭୯୫-୧୮୧୫), ରାଜା ବାଲୁଙ୍କେଶ୍ୱର ମାନସିଂହ (୧୮୧୫-୧୮୨୭) ରାଜା ଜଗନ୍ନାଥ ମାନସିଂହ ୧୮୨୭ରେ ଶାସନ କରୁଥିଲେ l ନୀଳାଦ୍ରି ମାନସିଂହ ୧୮୫୪ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ l ସେହିପରି ଚନ୍ଦ୍ରଶେଖର ମାନସିଂହ (୧୮୫୪-୧୮୭୭), ଗୌରଚନ୍ଦ୍ର ମାନସିଂହ ରାଜବାହାଦୁର (୧୮୭୭-୧୯୨୦), ରାଧାମୋହନ ମାନସିଂହ ହରିଚନ୍ଦନ (୧୯୨୦-୧୯୩୧) , କୃଷ୍ଣଚନ୍ଦ୍ର ମାନସିଂହ (୧୯୩୧-୧୯୬୮), ପ୍ରତାପ ଚନ୍ଦ୍ର ମାନସିଂହ (୧୯୬୮-୨୦୦୨) ଶାସନ କରୁଥିଲେ l ବର୍ତ୍ତମାନର ରାଜା ହେଉଛନ୍ତି ସନ୍ତୋଷ କୁମାର ଦେଓ l

ଠାକୁରମାନଙ୍କ ଏକତ୍ରୀକରଣର ପର୍ବ ମେଳଣ: ରାଜାଙ୍କ ଦ୍ୱାରା ଅନେକ ମନ୍ଦିର ବାଣପୁର ଓ ପାରିକୁଦଠାରେ ନିର୍ମାଣ କରାଯାଇଥିଲା l ସେଥିମଧ୍ୟରୁ କୃଷ୍ଣପ୍ରସାଦଠାରେ ଦଧିବାମନ ଜୀଉ ଅନ୍ୟତମ l ବାଣପୁର ଓ ପାରିକୁଦ ଅଞ୍ଚଳର ଅନେକ ମନ୍ଦିର ଏବେ ମଧ୍ୟ ରାଜାଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯାଉଅଛି l ପାରିକୁଦ ଅଞ୍ଚଳରେ ରାଜାଙ୍କର ଅନେକ ଗ୍ରାମରେ ରାଜ ପ୍ରତିଷ୍ଠିତ ଠାକୁର ବିଦ୍ୟମାନ l ପ୍ରତିବର୍ଷ କୃଷ୍ଣପ୍ରସାଦ ଗଡ଼ ରାଜପ୍ରସାଦ ନିକଟରେ ଠାକୁରମାନେ ଏକତ୍ରିତ ହୋଇ ପାରମ୍ପରିକ ପୂଜାପାଠ ପରେ ମିଳନ ପର୍ବ ଆରମ୍ଭ ହୁଏ l ମେଳଣ କୁହେ ଓଡ଼ିଶା ଓ ଓଡ଼ିଆର କଥା l ମେଳଣ ଭକ୍ତ ଓ ଭଗବାନଙ୍କର ମିଳନର ପର୍ବ l ବିଭିନ୍ନ ଗ୍ରାମର ଠାକୁରମାନଙ୍କର ଏକତ୍ରୀକରଣର ପର୍ବ ମେଳଣ l ବିଭିନ୍ନ ଗ୍ରାମ ମଧ୍ୟରେ ବନ୍ଧୁତ୍ୱ, ଏକତାର ଭାବ ସୃଷ୍ଟି କରେ ମେଳଣ l ଏହା ଆମ ପୂର୍ବଜମାନଙ୍କର ସୁନ୍ଦର ପରିକଳ୍ପନା ଭକ୍ତଙ୍କୁ ଭଗବାନଙ୍କ ସହିତ ବାନ୍ଧି ରଖେ ମେଳଣ l

ଚିଲିକା କୂଳରେ ମାଲୁଦର ପଞ୍ଚୁଦୋଳ ମେଳଣ ଓଡ଼ିଶାର ଅନ୍ୟ ପ୍ରସିଦ୍ଧ ମେଳଣ ପରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି l ଧର୍ମଶାଳାର ମୁନ୍‌ସୀ ମେଳଣ, ଓଳକଣା ମେଳଣ, ହରିରାଜପୁର ମେଳଣ ଓ କଣାସ ମେଳଣ ମେଳଣ ପରି ଚିଲିକା ମଧ୍ୟସ୍ଥ ମାଲୁଦର ପଞ୍ଚୁଦୋଳ ମେଳଣ ଭିନ୍ନ ଏକ ପରିଚୟ ସୃଷ୍ଟି କରିଛି l ୨୪ ମୌଜା କମିଟିର ଆମନ୍ତ୍ରଣ କ୍ରମେ ୨୩ ଠାକୁରଙ୍କର ଭାବ ଓ ଭକ୍ତିର ଅପୂର୍ବ ସଙ୍ଗମ ହୁଏ ମାଲୁଦ ପଞ୍ଚୁଦୋଳ ମେଳଣରେ l ପାଣିରେ ପଶି ଠାକୁରଙ୍କୁ ବିମାନରେ ବୋହି ଆଣିବାର ଦୃଶ୍ୟ ଅତ୍ୟନ୍ତ ମନୋରମ l ମାଲୁଦ ମେଳଣର ଆରମ୍ଭ ସମୟ ସମ୍ପର୍କରେ ବିଦ୍ୱାନମାନଙ୍କ ମଧ୍ୟରେ ମତ ପାର୍ଥକ୍ୟ ରହିଛି l ମାଲୁଦ ମେଳଣ ରାଜ ପ୍ରତିଷ୍ଠିତ ମେଳଣ l ଏହା ୩୦୦ ବର୍ଷରୁ ଊର୍ଦ୍ଧ୍ୱ ବୋଲି କିଛି ବିଦ୍ୱାନ୍ ମତ ରଖନ୍ତି l ସୁସଜ୍ଜିତ ମେଢ଼ରେ ଠାକୁରମାନଙ୍କର ମେଳଣ ପଡ଼ିଆକୁ ଆଗମନ କରାଇଥାନ୍ତି l ପ୍ରଥମେ ଚାରୋଟି ଠାକୁରଙ୍କୁ ନେଇ ମେଳଣ ଆରମ୍ଭ ହୋଇଥିଲା l ସେମାନେ ଥିଲେ ମଲ୍ଲେଶ୍ୱରୀ, ଗୋପୀନାଥ, ମାଲୁଦ ଓ ବଜ୍ରକୋଟ l

## ସ୍ୱତନ୍ତ୍ର ପରମ୍ପରା



ମାଲୁଦ ପଞ୍ଚୁଦୋଳ ମେଳଣର ମୁଖ୍ୟ ଆକର୍ଷଣ ମନୋହର ମେଢ଼ l ବର୍ତ୍ତମାନ ଏହି ପ୍ରସିଦ୍ଧ ମେଳଣ ପ୍ରାୟ ଚାରିଦିନ ପର୍ଯ୍ୟନ୍ତ ଆୟୋଜନ କରାଯାଇଥାଏ l ମେଳଣର ଥାନପତି ପ୍ରଭୁଶ୍ରୀ ଦଧିବାମନ ଜୀଉ l ପ୍ରଭୁ ଦଧିବାମନଙ୍କ ନିମନ୍ତ୍ରଣରେ ଅନ୍ୟ ଠାକୁରମାନେ ମେଳଣ ପଡ଼ିଆକୁ ବିଜେ କରନ୍ତି l ଏହି ମେଳଣର ସ୍ୱତନ୍ତ୍ର ପରମ୍ପରା ଅଛି ଯାହା କୌଣସି ମେଳଣରେ ଦେଖାଯାଏ ନାହିଁ, ଅନ୍ୟ ମେଳଣରେ ଠାକୁର ବିମାନରେ ବିଜେ କରନ୍ତି କିନ୍ତୁ ମାଲୁଦର ପଞ୍ଚୁଦୋଳ ମେଳଣ ସୁଶୋଭିତ ମେଢ଼ରେ ଓ ମନମୁଗ୍ଧକର ପଟୁଆରରେ ବିଜେ କରନ୍ତି l ହରି, ହର, ମା' ପାର୍ବତୀ ଓ ହନୁମାନ ପ୍ରଭୃତି ଦେବଦେବୀ ମେଳଣରେ ଅଂଶ ଗ୍ରହଣ କରନ୍ତି l ଯାହା ଅନ୍ୟ ମେଳଣରେ ଦେଖାଯାଏ ନାହିଁ l ତେଣୁ ମାଲୁଦ ପଞ୍ଚୁଦୋଳ ମେଳଣ ଏକ ସମନ୍ୱୟର ପ୍ରତୀକ l କିଛି ଗବେଷକ କୁହନ୍ତି ଏହି ମେଳଣ ଓଡ଼ିଶାର ସର୍ବପୁରାତନ ମେଳଣ l ୨୪ ମୌଜାର ୪ ପଞ୍ଚାୟତରେ ପ୍ରାୟ ୫୦ଟି ଗ୍ରାମର ଅଧିବାସୀମାନଙ୍କର ସକ୍ରିୟ ସହଯୋଗରେ ଏହି ଐତିହାସିକ ମେଳଣ ଆୟୋଜିତ ହୋଇଥାଏ l ଚିଲିକାର ନୀଳ ଜଳରାଶି ମଧ୍ୟରେ ୨୩ ଠାକୁର ମାଲୁଦ ମେଳଣ ପଡ଼ିଆକୁ ବିଜେ କରନ୍ତି l ସେମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ l ଗୋଟିଏ ପଟେ ୧୩ଟି ଠାକୁର ଅନ୍ୟପଟେ ୧୦ଟି ଠାକୁର ପଡ଼ିଆକୁ ଆଗମନ କରିଥାନ୍ତି l ନୃତ୍ୟ, ଗୀତ, ସଂଗୀତ ମାଧ୍ୟମରେ ଠାକୁରମାନଙ୍କୁ ସ୍ୱାଗତ କରିଥାନ୍ତି ଅଞ୍ଚଳବାସୀ l କାଗଜ, ସୋଲ ଓ ଅନ୍ୟାନ୍ୟ ସାମଗ୍ରୀରେ ଠାକୁରଙ୍କ ଉଦ୍ଦେଶ୍ୟରେ ନିର୍ମିତ ମେଢ଼ ଦେଖିଲେ ଆଖି ଲାଖିଯାଏ l ଏହି ମେଳଣ ଏକତାର ଦିବ୍ୟ ସନ୍ଦେଶ ପ୍ରଦାନ କରିଥାଏ l

ମାଲୁଦ ପଞ୍ଚୁଦୋଳ ମେଳଣ ଭାବ, ଭକ୍ତି ଓ ବିଶ୍ୱାସର ପ୍ରତୀକ l ଭକ୍ତ ଓ ଭଗବାନ ଏଠି ହୋଇଥାନ୍ତି ଏକାକାର l ଆଧ୍ୟାତ୍ମିକ ଭାବନା, ପରମ୍ପରା, ସଂସ୍କୃତି ଓ ଆସ୍ଥାର ଜ୍ୱଳନ୍ତ ଉଦାହରଣ ମାଲୁଦର ପଞ୍ଚୁଦୋଳ ମେଳଣ l ବଜ୍ରକୋଟରେ ମା' କୁଞ୍ଜେଶ୍ୱରୀ ଓ ମାଲୁଦର ଦଧିବାମନ ଜୀଉଙ୍କର ଶୁଭ ଖୁଣ୍ଟ ସ୍ଥାପନ କରାଯାଏ l ଠାକୁରଙ୍କୁ ଗ୍ରାମ ପରିଭ୍ରମଣ କରି ଭୋଗ ଗ୍ରହଣ କରିଥାନ୍ତି l "ମାଲୁଦ ପଞ୍ଚୁଦୋଳ ଯାତ୍ରା ବର୍ଣ୍ଣନା" ନାମକ ଏକ କବିତା ପୁସ୍ତକ ରଚନା କରିଥିଲେ ଖଗେଶ୍ୱର ପ୍ରଧାନ l ଶ୍ରୀ ପ୍ରଧାନଙ୍କ ମେଳଣ ପୁସ୍ତକର ବର୍ଣ୍ଣନା ଅନୁଯାୟୀ ଚୈତ୍ର କୃଷ୍ଣପକ୍ଷ ପଞ୍ଚମୀ ଦିନ ଅପରାହ୍ନରେ ଏକ ବାଉଁଶ ଉପରେ ଆମ୍ବଡାଳ ସ୍ଥାପନ କରି ଏବଂ ବାଉଁଶକୁ କଳା, ଧଳା, ନାଲି, ନେଳି ରଙ୍ଗ ଦିଆଯାଇ ଶୁଭସ୍ତମ୍ଭ ସ୍ଥାପନ କରାଯାଏ l ଯାତ୍ରାର ଦୁଇ ଦିନ ପୂର୍ବରୁ ବ୍ୟବସାୟୀମାନେ ନିଜର ପସରାଧରି ମେଳଣ ପଡ଼ିଆରେ ଉପସ୍ଥିତ ହୁଅନ୍ତି l ୧୯୭୪ ମସିହାରେ ୧୭ ଦୋଳ ମେଳଣ ପଡ଼ିଆକୁ ଆସୁଥିବାର ଶ୍ରୀ ପ୍ରଧାନ ନିଜ ପୁସ୍ତକରେ ଉଲ୍ଲେଖ କରିଥିଲେ l ସେ ସମୟର ଦୃଶ୍ୟକୁ ଲେଖକ ତାଙ୍କ ପୁସ୍ତକରେ ସ୍ଥାନ ଦେଇଛନ୍ତି l ଲେଖକଙ୍କ ବର୍ଣ୍ଣନା ଅନୁଯାୟୀ ଠାକୁରଙ୍କ ସହିତ ଫଗୁ ଖେଳିବାର ସୌଭାଗ୍ୟ ଅତ୍ୟନ୍ତ ଭାବାବେଗ ସୃଷ୍ଟି କରେ l

## ସାଂସ୍କୃତିକ ଓ ଆଧ୍ୟାତ୍ମିକତା ସମନ୍ୱୟ





ମେଳଣ ପଡ଼ିଆରେ ପ୍ରତି ଦିଅଁଙ୍କ ନିକଟରେ ମଶାଲ ଜଳୁଥାଏ l ରାଜ ପ୍ରତିଷ୍ଠିତ ଦଧିବାମନ ଦେବଙ୍କ ମେଢ଼ ଓଁକାର ରୂପେ ସଜ୍ଜିତ କରାଯାଇଥାଏ l ଫଗୁ ଦଶମୀରେ ଦଧିବାମନ ଜୀଉ ପ୍ରଥମେ ଦାସିଆ ବେହେରାଙ୍କ ଦ୍ୱାରରେ ଭୋଗ ଗ୍ରହଣ କରନ୍ତି l ମାଲୁଦର କରଣ ସାହି, ଖଣ୍ଡାୟତ ସାହି, ନିକିତା କୁଦ, ଅଲିପୁର ଓ ଖୋଲା ଗଞ୍ଜରେ ଭକ୍ତଙ୍କ ଦ୍ୱାରରୁ ଭୋଗ ଗ୍ରହଣ କରି ଦଧିବାମନ ଜୀଉ ମନ୍ଦିରକୁ ଫେରିଯାଆନ୍ତି l ମାଲେଶ୍ୱରୀର ଗୋପୀନାଥ ଦେବ, ମାଲେଶ୍ୱରୀ, ସାହାବାଦପୁର, ବ୍ରାହ୍ମଣଦେଓ, ଡାଳତୋଳା, ନୂଆଗାଁ, ପ୍ରଭୃତି ଗ୍ରାମରୁ ଠାକୁରମାନେ ଦୋଳ ମେଳଣକୁ ବିଜେ କରିଥାନ୍ତି l ମାଲୁଦର ପଞ୍ଚୁଦୋଳ ମେଳଣ ଚିଲିକାରେ ଜଳରାଶି ମଧ୍ୟରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନରେ ଏକ ଐଶ୍ୱରୀୟ ଭାବନା ଓ ଚେତନା ଜାଗ୍ରତ କରାଇଥାଏ l ଉତ୍କଳୀୟ ସଂସ୍କୃତି ଓ ପରମ୍ପରାକୁ ମହିମାନ୍ୱିତ କରିବାରେ ଚିଲିକା କୂଳସ୍ଥ ମାଲୁଦର ପଞ୍ଚୁ ଦୋଳ ମେଳଣ ଯଥେଷ୍ଟ ଗୁରୁତ୍ୱ ବହନ କରିଥାଏ l ବିଭିନ୍ନ ପ୍ରକାର ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ମେଳଣ ପଡ଼ିଆରେ ଆୟୋଜିତ ହୁଏ l ମାଲୁଦ ପଞ୍ଚୁ ଦୋଳ ମେଳଣ ଜାତୀୟ ଐକ୍ୟ ଓ ସଂହତିକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ଆଞ୍ଚଳିକ ଭେଦଭାବକୁ ଦୂର କରିଥାଏ l ଠାକୁରମାନଙ୍କର ଆଶୀର୍ବାଦ ଭିକ୍ଷା କରିବା ନିମନ୍ତେ ଦୂର-ଦୂରାନ୍ତରୁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କର ପ୍ରବଳ ସମାଗମ ହୁଏ l ଏଠାକାର ଆଧ୍ୟାତ୍ମିକ ଅନୁଭବ ନିଆରା l ପଞ୍ଚୁଦୋଳ ମେଳଣକୁ ଅଧିକ ଆବେଗମୟ, ରସସିକ୍ତ ଓ ସାର୍ଥକ କରିବାରେ ଖୋର୍ଦ୍ଧାର ପାଇକ, ସମରକଳା, ଗଞ୍ଜାମର ଘୋଡ଼ାନାଚ, ରଘୁରାଜପୁରର ଗୋଟିପୁଅ ନୃତ୍ୟ, ପଶ୍ଚିମ ଓଡ଼ିଶାର ସମ୍ବଲପୁରୀ ନୃତ୍ୟ ଓ ଅନ୍ୟାନ୍ୟ ଅଞ୍ଚଳର ଲୋକକଳା ବିଶେଷ ଭୂମିକା ନେଇଥାଏ l ଲୋକକଳା ସହିତ ହସ୍ତଶିଳ୍ପର ପ୍ରଦର୍ଶନ ମାଲୁଦ ଦୋଳ ମେଳଣକୁ ଆକର୍ଷଣୀୟ କରିଥାଏ l ଚିଲିକା ଜଳରେ ଦୋଳଯାତ୍ରା ଅତ୍ୟନ୍ତ ମନୋଜ୍ଞ ଓ ହୃଦୟସ୍ପର୍ଶୀ l ■

ଇତିହାସ ବିଭାଗ, ସନାତନ ହରିଚନ୍ଦନ ମହାବିଦ୍ୟାଳୟ
ମଦନପୁର,ଖୋର୍ଦ୍ଧା-୭୫୨୦୫୪, ମୋ: ୮୮୯୫୧୯୦୪୭୫





# ନିଆରା ମାଲୁଦ ପଞ୍ଚୁଦୋଳ

**ଉତ୍କଳୀୟ କଳା, ସଂସ୍କୃତି ଓ ପରମ୍ପରା ସ୍ୱତନ୍ତ୍ର । ଏଠାରେ ବାର ମାସରେ ତେର ପର୍ବ ପାଳିତ ହୋଇଥାଏ । ନିଆରା ଓଡ଼ିଶାର ଯାନିଯାତ୍ରା, ପର୍ବପର୍ବାଣି । ବିଭିନ୍ନ ଯାନିଯାତ୍ରା ମଧ୍ୟରୁ ଦୋଳଯାତ୍ରା ଅନ୍ୟତମ । ଫଗୁ ଦଶମୀଠାରୁ ପୁରପଲ୍ଲୀରେ ଏହି ଦୋଳ ଉତ୍ସବ ଆଡ଼ମ୍ବର ସହକାରେ ସାରା ରାଜ୍ୟରେ ପାଳିତ ହୋଇଥାଏ । ଦୋଳ ପୂର୍ଣ୍ଣମୀ ପରେ ବିଭିନ୍ନ ସ୍ଥାନରେ ପଞ୍ଚୁଦୋଳ ଯାତ୍ରା ଆୟୋଜନ କରାଯାଇଥାଏ । ଏହି ଅବସରରେ ଦେବଦେବୀଙ୍କ ମହାମେଳଣ ଉତ୍ସବ ଅନୁଷ୍ଠିତ ହୋଇଥାଏ । ମୋଗଲ ସାମ୍ରାଜ୍ୟ କାଳରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ପଞ୍ଚୁଦୋଳ ଯାତ୍ରାରେ ଦେବଦେବୀଙ୍କ ମହାମେଳଣ ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇ ଆସୁଛି । ଏହି କ୍ରମରେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍‌ର ନୀଳମ୍ବୁ ଚିଲିକା ତଟବର୍ତ୍ତୀ ଅଞ୍ଚଳ ମାଲୁଦ ପଞ୍ଚୁଦୋଳ ଯାତ୍ରାର ସ୍ୱତନ୍ତ୍ରତା ରହିଛି । ମାଲୁଦର ନିଆରା ପଞ୍ଚୁଦୋଳ ଯାତ୍ରାକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।**

**ଶିବ ଶଙ୍କର ପଣ୍ଡା,** ବାଲୁଗାଁ

## ଦୋଳ ଯାତ୍ରାରେ ୨୩ ଦେବଦେବୀ

ପ୍ରତିବର୍ଷ ପରି ଚଳିତ ବର୍ଷ ନୀଳମ୍ବୁ ଚିଲିକା ତଟସ୍ଥ ମାଲୁଦ ପଞ୍ଚୁଦୋଳ ଯାତ୍ରା ପଡ଼ିଆରେ ସୁପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରା ମହାଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯାତ୍ରା ନିମନ୍ତେ ପୂର୍ବରୁ ପଞ୍ଚୁଦୋଳ ଯାତ୍ରା ପଡ଼ିଆରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥାଏ । ସ୍ଥାନାଧିପତି ମାଲୁଦର ଶ୍ରୀଦଧିବାମନ ଦେବଙ୍କ ନିମନ୍ତ୍ରଣ କ୍ରମେ ଆଖପାଖ ଅଞ୍ଚଳର ୨୩ ଦେବଦେବୀ ସୁସଜ୍ଜିତ ଦୋଳ ବିମାନରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ବିଜେ କରିଥାନ୍ତି ।

ପାଇକ ଆଖଡ଼ା, ବାଘ ନାଚ, ଆଦିବାସୀ ନୃତ୍ୟ, ଉତ୍ତର ପ୍ରଦେଶର ବାଦ୍ୟ, ଅଘୋରୀ ନୃତ୍ୟ ଆଦି ବିଭିନ୍ନ ନୃତ୍ୟ ଦଳ ବିରାଟ ପଟୁଆର ଓ ଆତସବାଜି ସହ ଯାତ୍ରା ପଡ଼ିଆକୁ ଆଗମନ କରିଥିଲେ । ସ୍ଥାନାଧିପତି ମାଲୁଦର ଶ୍ରୀ ଦଧିବାମନ ଦେବ ସମସ୍ତ ୨୩ ଦେବଦେବୀଙ୍କୁ ପାଛୋଟି ନେଇ ନିର୍ଦ୍ଧାରିତ ପିଣ୍ଡିରେ ବିଜେ କରାଇଥାଆନ୍ତି । ତେବେ ପଞ୍ଚୁଦୋଳ ଯାତ୍ରାରେ ସାମିଲ ହେବାକୁ ଚିଲିକା ତଟ ଦେଶସ୍ଥିତ ବିଭିନ୍ନ ଗ୍ରାମର ଦେବଦେବୀ ୧୨ ଗୋଟି ସୁସଜ୍ଜିତ ସୁନ୍ଦର ବିମାନରେ ବିରାଜମାନ କରି ଚିଲିକାର ନୀଳ ଜଳ ରାଶିରେ ମଧ୍ୟରେ ପଶି ଯାତ୍ରା ପଡ଼ିଆକୁ ଆଗମନ କରିବାର ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଲାଗିଥାଏ ।

## ଭକ୍ତ ଓ ଭଗବାନଙ୍କ ମହାମିଳନ

ମାଲୁଦ ପଞ୍ଚୁଦୋଳ ଅବସରରେ ଚିଲିକା ଜଳରେ ଦେବଦେବୀଙ୍କ ଆଗମନର ଆକର୍ଷଣୀୟ ଦୃଶ୍ୟ ସମସ୍ତଙ୍କ ମନକୁ ମୁଗ୍ଧ କରିଥାଏ । ଏହି ମନୋରମ ଦୃଶ୍ୟ ସୋସିଆଲ୍ ମିଡିଆରେ ଦେଖି ଚଳିତବର୍ଷ ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ଼, ଗଜପତି ଆଦି ଜିଲ୍ଲା ସମେତ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣ ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସି ଏହି ନିଆରା ଦୋଳ ମେଳଣକୁ ଦେଖିଥାଆନ୍ତି । ଏହି ଯାତ୍ରା ଭକ୍ତ ଓ ଭଗବାନଙ୍କ ମହାମିଳନ ହୋଇଥିବା ସ୍ଥଳେ ଏହି ଭାଇଚାରାର ଯାତ୍ରାରେ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଯାତ୍ରା ପଡ଼ିଆରେ ତିନିଦିନ ଧରି ବହୁ ଦୋକାନ ବଜର ଓ ବିଭିନ୍ନ ପସରା ପଡ଼ିଥିଲା । ବିଭିନ୍ନ ଜିନିଷ କିଣିବା ପାଇଁ ପ୍ରବଳ ଜନସମାଗମ ହୋଇଥାଏ । ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ନିମନ୍ତେ ପ୍ରଶାସନ ତଥା ଯାତ୍ରା କମିଟି ପକ୍ଷରୁ ବହୁ ସୁବନ୍ଦୋବସ୍ତ କରାଯାଇଥିଲା । ବ୍ୟାପକ ପୁଲିସ ଓ ସ୍ୱେଚ୍ଛାସେବୀ ନିୟୋଜିତ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ହୋଇଥାନ୍ତି ।

## ସାଂସ୍କୃତିକ ମହାମିଳନ

ଯାତ୍ରାରେ ସାମିଲ ହେଉଥିବା ସମସ୍ତ ଦେବଦେବୀ ଯାତ୍ରା ପଡ଼ିଆରେ ୩ ଦିନ ଧରି ରହିଥାନ୍ତି । ଦେବଦେବୀମାନଙ୍କୁ ଦୈନନ୍ଦିନ ପହିଲି ଭୋଗ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଧୂପ ଓ ରାତ୍ରିରେ ଶେଷ ଧୂପରେ ଭୋଗ ଲାଗି କରାଯାଇ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥାଏ । ୩ ଦିନ ରହିବା ପରେ ଦେବଦେବୀଙ୍କ ମହାମେଳଣ ଉତ୍ସବ ଅନୁଷ୍ଠିତ ହୋଇଥାଏ । ସମସ୍ତ ଦେବଦେବୀ ନିଜ ନିଜର ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଅନୁଷ୍ଠିତ ପଞ୍ଚୁଦୋଳ ଯାତ୍ରା ୩ ଦିନ ଧରି ଦୈନନ୍ଦିନ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ଲୋପ ପାଇ ଆସୁଥିବା ଲୋକକଳା, ଲୋକସଂସ୍କୃତି ଓ ଲୋକନୃତ୍ୟକୁ ଉଜ୍ଜୀବିତ କରିବା ଏହି ମେଳଣର ଅନ୍ୟତମ ଉଦ୍ଦେଶ୍ୟ । ସେଥିପାଇଁ ଏଅବସରରେ ପାଲା, ଦାସକାଠିଆ, ଭାରତ ଲୀଳା, କୃଷ୍ଣ ଲୀଳା, ପ୍ରହ୍ଲାଦ ନାଟକ ଓ ଲୋକ ସଂଗୀତ ଆଦି ପରିବେଷଣ କରାଯାଇଥାଏ । ଶ୍ରେଷ୍ଠ କଳା ପ୍ରଦର୍ଶନ କରୁଥିବା ସଂଗୀତ ଓ ନୃତ୍ୟ ଦଳକୁ କମିଟି ତରଫରୁ ପୁରସ୍କୃତ କରାଯାଇଥାଏ । ଏହି ଅବସରରେ ରାତ୍ର ତମାମ ବିଭିନ୍ନ ଯାତ୍ରା ପାର୍ଟି ନାଟକ ପରିବେଷଣ କରି ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେଇଥାଆନ୍ତି । ସତରେ ମାଲୁଦ ପଞ୍ଚୁଦୋଳ ମେଳଣର ନିଆରା ଓ ଅପୂର୍ବ । ■





# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## ମହାଲିଙ୍ଗଙ୍କ ଗଳାରେ ମୁଣ୍ଡମାଳ

ଲୋଇସିଂହା ମୁଖିଆ ତଥା ଆମ ରାଇଜର ସ୍ୱାସ୍ଥ୍ୟ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ ବାବୁ ମୁକେଶ ମହାଲିଙ୍ଗ । ବାବୁ ପ୍ରାଣୀ ବିଜ୍ଞାନ ପାଠ ପଢ଼ିଛନ୍ତି, ସେଥିରେ ଗବେଷଣା କରି କରି ଡ଼କ୍ଟରେଟ ଉପାଧି ବି ପାଇଛନ୍ତି । ସମ୍ଭବତଃ ସେଥିପାଇଁ ପ୍ରାଣୀମାନଙ୍କ ପ୍ରାଣ ଯିବାବେଳେ ବାବୁ ମୁକେଶଙ୍କୁ କଷ୍ଟ ହୁଏ ନାହିଁ। ରାଜ୍ୟରେ ସରକାର ବଦଳିବାର ୫ ମାସ ପରେ ଟାକୁଆ ଜାଉ ମାଣ୍ଡିପଙ୍କାରେ ଅନେକ ମୁଣ୍ଡ ଗଡ଼ିଥିଲା । ସେତେବେଳେ ସ୍ୱାସ୍ଥ୍ୟ ବିଭାଗ ଉପରେ ସମସ୍ତେ ଆଙ୍ଗୁଳି ଉଠାଇଥିଲେ, ମାତ୍ର ମହାଲିଙ୍ଗବାବୁ ତାକୁ ପରବାୟ କଲେ ନାହିଁ । ମାଣ୍ଡିପଙ୍କାରେ ମୃତ୍ୟୁ ତାଣ୍ଡବ କରୁଥିବା ସମୟରେ ରାଜଧାନୀ ରାଜରାସ୍ତାରେ ଏକ ଦଳୀୟ ଶୋଭାଯାତ୍ରାରେ ମହାଲିଙ୍ଗବାବୁଙ୍କ ଦଣ୍ଡାଧର ନୃତ୍ୟକୁ ଲୋକେ ପାଶୋରି ନାହାନ୍ତି । ଏବେ ଏସ୍‌ସିବି ନିଆଁର ତାତିରେ ଡ଼଼ଜନେ ନିରୀହ ଲୋକଙ୍କ ଜୀବନ ଯାଇଥିବା ସତ୍ତ୍ୱେ ତାଙ୍କ ଇସ୍ତଫା ପାଇଁ ହେଉଥିବା ଦାବିକୁ ବି ସେ କର୍ଣ୍ଣପାତ କରି ନାହାନ୍ତି । ବାବୁ ମହାଲିଙ୍ଗ ମନ୍ତ୍ରୀ ପଦ ଛାଡ଼ିବେ କି ରଖିବେ ତାହା ତାଙ୍କ ଉପରେ ନିର୍ଭର କରେ, ମାତ୍ର ଯେଉଁ ଲୋକମାନଙ୍କ ଜୀବନ ନିଆଁ ଧାସରେ ଚାଲିଗଲା, ତାହାର ନୈତିକ ଦାୟିତ୍ୱ କିଏ ନେବ ? ମାତ୍ର ଏହି ନିଆଁରେ ଯଦି ତାଙ୍କର କେହି ଆତ୍ମୀୟ ସ୍ୱଜନଙ୍କ ଜୀବନ ଯାଇଥାଆନ୍ତା, ସେଥିପାଇଁ କ'ଣ ତାଙ୍କ ମନରେ ଗ୍ଲାନିବୋଧ ଆସି ନ ଥାନ୍ତା ? ଏଥିପାଇଁ ସେ ନିଜକୁ ଦୋଷୀ ମଣି ନ ଥାନ୍ତେ? ସମସ୍ତେ ଜାଣନ୍ତି ଯେ ମହାଲିଙ୍ଗବାବୁଙ୍କ ମୁଣ୍ଡ ଉପରେ କାହାର ଅଭୟ ହାତ ଅଛି । ହେଲେ ଯେଉଁ ଲୋକମାନେ ଜୀବନ ହରାଇଲେ, ସେମାନଙ୍କ ପରିବାରର ନିଶ୍ୱାସ ତାଙ୍କୁ ଶାନ୍ତିରେ ଜୀଆଇ ଦେବ ତ? ■



## ତୁଣ୍ଡ ଖୋଲିଲେ ବିସ୍ଫୋରଣ

ସମ୍ବଲପୁରୀ ବାବୁ ଜୟନାରାୟଣଙ୍କୁ କେହି କେହି ଚଳମାନ ବାରୁଦ ଗଦା ବୋଲି ଅଭିହିତ କରିଥାଆନ୍ତି । ବୁମ୍ ଦେଖିଲେ ଜୟଙ୍କ ତୁଣ୍ଡ ଗଲୁ ହୁଏ ଓ ତୁଣ୍ଡ ଖୋଲିବା ମାତ୍ରେ ବିସ୍ଫୋରଣ ଥାୟ । ସେଥିପାଇଁ ତାଙ୍କ କଥା ଉପରେ କୌଣସି ଟୀକା ଟିପ୍ପଣୀ ଦେବା ପୂର୍ବରୁ ତାଙ୍କ ଦଳର ଲୋକମାନେ ଶହେଥର ଭାବିଥାଆନ୍ତି । ନନ୍ଦପଡ଼ାର ଆମର ବନ୍ଧୁମାନଙ୍କ ସୂଚନା ଅନୁସାରେ ବାବୁ ଜୟନାରାୟଣ କାଳେ ପୂର୍ବରୁ ଏପରି ନ ଥିଲେ । ଯେବେଠାରୁ ରାଜ୍ୟରେ ସରକାର ପରିବର୍ତ୍ତନ ହେଲାଣି, ସେବେଠାରୁ ସିଏ ଟିକେ ଅଧିକ ଉଗ୍ର ହୋଇ ଯାଇଛନ୍ତି । ଏକ ସମୟରେ ସେ ଥିଲେ ବିଧାନସଭାରେ ବିଜେପି ବିଧାୟକ ଦଳ ତଥା ବିରୋଧୀ ଦଳ ନେତା; ପଦଟା କ୍ୟାବିନେଟ ମନ୍ତ୍ରୀ ପାହ୍ୟା ସମତୁଲ । ତେଣୁ ଦଳ କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ପଗଡ଼ି ତାଙ୍କ ମଥାରେ ଭିଡ଼ାଯିବ ବୋଲି ତାଙ୍କ ସମର୍ଥକମାନେ ଭାବିଥିଲେ । ମାତ୍ର ମୁଖ୍ୟମନ୍ତ୍ରୀ ପଦ ତ ଦୂରର କଥା, ମନ୍ତ୍ରୀ ପଦ ବି ତାଙ୍କୁ ମିଳିଲା ନାହିଁ । ଅନ୍ୟପକ୍ଷରେ ସମ୍ବଲପୁରରୁ ଯାଇ ବ୍ରଜରାଜନଗରରୁ ନିର୍ବାଚିତ ବାବୁ ସୁରେଶଙ୍କୁ ରାଜସ୍ୱ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ପଦ ମିଳିଲା । ଏଥିରେ କାହା ମନରେ କଷ୍ଟ ନ ହେବ ଯେ ? ସେଥିପାଇଁ ଜୟନାରାୟଣ ଆଜିକାଲି କଥା କଥାକେ ବ୍ରହ୍ମାସ୍ତ୍ର, ପାଶୁପତାସ୍ତ୍ର, ବୈଷ୍ଣବାସ୍ତ୍ର ଛାଡୁଛନ୍ତି । କେଇଦିନ ତଳେ ମନ୍ତ୍ରୀ ପଦ ନ ମିଳିବା ପ୍ରସଙ୍ଗରେ ସେ ନିଜକୁ ବେକାରିଆ ଲୋକ ବୋଲି କହିଥିଲେ । ଏବେ ହାଲିହାଲି ବଲାଙ୍ଗୀର-ସମ୍ବଲପୁର ପ୍ରସଙ୍ଗରେ ବୁଲେଇବାଲେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନଙ୍କୁ ପ୍ରଶଂସା ଆଳରେ ଏମିତି କେଞ୍ଚିଚନ୍ତି ଯେ ଉଭୟଙ୍କ ମଥା ଗରମ । ■



## ରଙ୍କି ଘରେ ଖୁଦ କଳସ...

ମଧୁରଭାଷୀ ଦିଲ୍ଲୀପ ରାୟଙ୍କୁ ଅନେକ କହନ୍ତି ରାଜନୀତିର ବାଜିଗର । ପ୍ରତିକୂଳ ପରିସ୍ଥିତିକୁ ନିଜ ସପକ୍ଷରେ ନେବାରେ କଳାଟି ତାଙ୍କଠାରେ ଭରି ରହିଛି, ଏଥିରେ ସନ୍ଦେହ ନାହିଁ । ନିକଟରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ସେ ବିଜୟୀ ହୋଇ ପୁଣିଥରେ ନିଜର ଧୂରନ୍ଧର ପଣିଆକୁ ପ୍ରମାଣିତ କରିଛନ୍ତି । ଅତ୍ୟଧିକ ଆତ୍ମବିଶ୍ୱାସ ବେଳେବେଳେ ନିଜ ପାଇଁ ବିପଦ ଡ଼ାକି ଆଣିବା ପରି ଏସନ ରାଜ୍ୟସଭା ନିର୍ବାଚନରେ ଦିଲ୍ଲୀପଙ୍କ ସଫଳତା ତାଙ୍କ ପାଇଁ ବିପଦ ହେବ ଏବେ ଅନେକ ଆଶଙ୍କା କରିବା ଆରମ୍ଭ କଲେଣି । କୁହାଯାଉଛି ଯେ ପଦ୍ମ ଦଳ ସମର୍ଥନ ବିନା ଦିଲ୍ଲୀପ ବିଜୟୀ ହୋଇପାରି ନ ଥାନ୍ତେ; ନିଜେ ଦିଲ୍ଲୀପ ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି । ମାତ୍ର ତାଙ୍କ ସ୍ୱରରେ ଥିବା ଇଷତ୍ କୁଣ୍ଠା ପଦ୍ମ ଦଳ ନେତାମାନେ ଗ୍ରହଣ କରିପାରୁ ନାହାନ୍ତି । ବିଜୟ ଦୋଳ ପୂର୍ଣ୍ଣମୀ ଦିନ କଷିଥିବା ଗଣିତ କିପରି ଓଲଟପାଲଟ ହୋଇଗଲା ତାହା ଯଦି ଦିଲ୍ଲୀପ ବୁଝିଥିବେ, ତେବେ ନିଜ ରାଜନୈତିକ ଭବିଷ୍ୟତ କଥା ସେ ଆପେଆପେ ଜାଣି ପାରିଥିବେ । ବିଜୟ ପାଇଁ ତାଙ୍କୁ ଦ୍ୱିତୀୟ ପସନ୍ଦ ନିମନ୍ତେ ଅପେକ୍ଷା କରିବାକୁ ପଡ଼ିଲା, ତଥାପି ବିଜୟୀ ହେବା ପରେ ରାମମନ୍ଦିର ଆଖଡ଼ା ଯିବା ପରିବର୍ତ୍ତେ ଦିଲ୍ଲୀପ ପ୍ରଥମେ ଆଶୀର୍ବାଦ ନେବାକୁ ବିଜୟଙ୍କ ପାଖରେ ପହଞ୍ଚିବାକୁ ପଦ୍ମ ଦଳ ପୁରା ହୃଦୟରେ ଗ୍ରହଣ କରିପାରିନାହିଁ । ଦିଲ୍ଲୀପଙ୍କୁ ମୋହରା କରି ବିଜୟ ପଦ୍ମ ଦଳ ଉପରେ ପ୍ରତିଶୋଧ ନେଇଥିବା ପୁରୁଖା ପଦୁଅଁ ନେତାଙ୍କ ମନରେ ଏକ ଧାରଣା ଦାନା ବାନ୍ଧିଛି । ଏଣିକି ଦେଖିବା କଥା, ଆଗକୁ କ'ଣ ହେଉଛି । ଓଡ଼ିଆରେ କଥାଟିଏ ଅଛି-
ରଙ୍କି ଘରେ ଖୁଦ କଳସ, ଚୋର ହାତରେ ବଳା...
ରଙ୍କି ଜାଣେ, ଚୋର ଜାଣେ; କାହାର କେତେ ଗଲା ... ■



## ଯେମିତି ଗଛ, ସେମିତି ଫଳ

ରାଜ୍ୟସଭା ଲଢ଼େଇରେ 'ସ୍ୱାଧୀନ' ଭାବରେ ଦିଲ୍ଲୀପଙ୍କ ଆବିର୍ଭାବ ପରେ କ୍ରସ ଭୋଟିଂ ହେବା ନିଶ୍ଚିତ, ଏହା ସମସ୍ତେ ଜାଣିଥିଲେ । ଘୋଡ଼ା ହେବାକୁ ପଦ୍ମ ଦଳରୁ ବି ଢ଼େର ବାହାରିବାର ଆଶଙ୍କା ଥିବାରୁ ଶେଷ ମୁହୂର୍ତ୍ତରେ ପଦ୍ମ ଦଳ କୁଆଡ଼େ ତାଙ୍କୁ ସମର୍ଥନ ଦେଲା ବୋଲି ରାଜଧାନୀରେ ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳିଛି । ଦିଲ୍ଲୀପଙ୍କ ପ୍ରାର୍ଥୀତ୍ୱ ଘୋଷଣା ପରେ ଶଙ୍ଖ ଦଳରୁ ନିଲମ୍ବିତ ମହାକୁଡ଼ ଓ ମହାପାତ୍ରଙ୍କ ସହ ଚିଟ୍‌ଫଣ୍ଡ କେଳେଙ୍କାରୀରେ ଜଡ଼ିତ କୁହାଯାଉଥିବା ବିଶ୍ୱାଳଙ୍କ ନନ୍ଦନ ବାଡ଼ ଡ଼େଇଁବା ପ୍ରାୟ ନିଶ୍ଚିତ ମନେ ହେଉଥିଲା । ବସ୍ତା ବାସନାନୀ ଓ ବିନା ଆୟରେ କୋଟିପତି ହୋଇଥିବା କହଁରଙ୍କ ଉପରେ କିଛି ପରିମାଣରେ ସନ୍ଦେହ ଥିଲା । ମାତ୍ର ତିର୍ତ୍ତୋଲ ଭୋଇ, ଜୟଦେବ ମଲ୍ଲିକ ପଛରୁ ଛୁରୀ ଭୂଷିବେ ତାହା ଜଣା ପଡୁ ନ ଥିଲା । ସେମିତି ତଦନ୍ତ ଏଜେନ୍ସି ପଞ୍ଝାରୁ ବଡ଼ ତ୍ରିପାଠୀଙ୍କୁ ବଞ୍ଚାଇବାକୁ ସାନ ତ୍ରିପାଠୀ ଦଳ ଓ ଦଳପତିଙ୍କ ବିଶ୍ୱାସଘାତକତା କରି ନିଜ ମଥାରେ ବିଶ୍ୱାସଘାତକତାର ଗେରୁ ରଙ୍ଗ ବୋଳି ଘୋଡ଼ା ସାଜିବେ ଏ କଥା ସମ୍ପୂର୍ଣ୍ଣ ଅକଳ୍ପନୀୟ ଥିଲା । ଭାରତ ଇତିହାସରେ ବିଶ୍ୱାସଘାତ ଓ କୃତଘ୍ନତାର ଉଦାହରଣରେ ଜୟଚାନ୍ଦଙ୍କ ନାମ ସବୁଠୁ ଶୀର୍ଷରେ ବୋଲି କୁହାଯାଏ; ଏକ ସମୟରେ ବଡ଼ ତ୍ରିପାଠୀ ତାହାର ଉଦାହରଣ ସାଜିଥିଲେ, ଏବେ ସାନ ତ୍ରିପାଠୀ ତାହାକୁ ଅନୁସରଣ କଲେ । ଯେଉଁଠି ବିଶ୍ୱାସଘାତକତା ବଂଶାନୁଗତ, ସେଠାରେ ଆଉ କ'ଣ ଆଶା କରାଯାଇପାରେ ? ବଡ଼ମ୍ବା ମିଶ୍ର ବୋଧେ ଯଥାର୍ଥରେ କହିଛନ୍ତି- 'କୁଛ୍ କୁତେଁ ଅପ୍‌ନେ ହୋତେ ହେଁ, କୁଛ୍ ଅପ୍‌ନେ ହିଁ କୁତେଁ ହୋତେ ହେଁ । ଅବଶ୍ୟ ରାଜ୍ୟସଭା ଘୋଡ଼ାବେପାର ଓ କ୍ରସ ଭୋଟିଂ ସହ ଏହାର କିଛି ସମ୍ପର୍କ ଅଛି କି ନାହିଁ, ସେ କଥା ଆମେ ଜାଣି ନାହୁଁ । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।